

# ବାଲେଶ୍ୱରରେ ଅନୁଷ୍ଠିତ ହେଲା 'ବିଚାର ମନ୍ଥନ ସଂସ୍ଥାନ'ର ବୁଦ୍ଧିଜୀବୀ ସମ୍ମିଳନୀ




ବାଲେଶ୍ୱର,(ନି.ପ୍ର.): ଭାରତ ବିଭାଜନର ତିକ୍ତ ଇତିହାସ, ଏହାର ମାନବୀୟ ବିଭୀଷିକା ଏବଂ ଅତୀତରୁ ଶିକ୍ଷା ନେଇ ଭବିଷ୍ୟତ ଭାରତ ଗଠନର ଦିଗ ନେଇ ବାଲେଶ୍ୱରରେ ଏକ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । 'ବିଚାର ମନ୍ଥନ ସଂସ୍ଥାନ' ପକ୍ଷରୁ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଭେନ୍ୟା ପାରାଡାଇଜ କଲ୍ୟାଣ ମଣ୍ଡପରେ 'ବିଭାଜନର ତିକ୍ତ ସତ୍ୟତାରୁ ଭବିଷ୍ୟ ଭାରତର ଉଜ୍ଜ୍ୱଳ ଭବିଷ୍ୟତ' ଶୀର୍ଷକରେ ଏହି ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଥିଲା ।ସଂସ୍ଥାନର ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ଏଥିରେ ପୌରୋହିତ୍ୟ କରି କହିଥିଲେ ଯେ ରାଷ୍ଟ୍ରବାଦ ସର୍ବୋପରି । ଏହି ମୂଳମନ୍ତ୍ର ସହ କୌଣସି ପ୍ରକାର ବୁଝାମଣା ହୋଇପାରିବ ନାହିଁ । ରାଷ୍ଟ୍ରହିତକୁ ସର୍ବାଗ୍ରେ ରଖି ଦେଶକୁ ଆଗକୁ ନେବା ହିଁ ସମୟର ଆହ୍ୱାନ ବୋଲି ସେ ମତ ଦେଇଥିଲେ । ଏହି ଅବସରରେ ନବଗଠିତ 'ବିଚାର ମନ୍ଥନ ସଂସ୍ଥାନ'ର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଭବିଷ୍ୟତ ଆଭିମୁଖ୍ୟ ସମ୍ପର୍କରେ ମଧ୍ୟ ସେ ଆଲୋକପାତ କରିଥିଲେ ।ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଭାରତ ବିଭାଜନର ଐତିହାସିକ ପୃଷ୍ଠଭୂମି, ତତ୍କାଳୀନ ରାଜନୈତିକ ପରିସ୍ଥିତି ଏବଂ ବିଭାଜନର ବିଭିନ୍ନ ପ୍ରଭାବ ସମ୍ପର୍କରେ ନିଜ ମତ ରଖିଥିଲେ ।ବିଶେଷ ଅତିଥି ତଥା ମୁଖ୍ୟ ବକ୍ତା, ରାଷ୍ଟ୍ରୀୟ ବିଚାରକ, ସାମ୍ବାଦିକ ଏବଂ 'ହେ ରାମ' ପୁସ୍ତକର ରଚୟିତା ପ୍ରଖର ଶ୍ରୀବାସ୍ତବ ଦୀର୍ଘ ଓ ତଥ୍ୟଭିତିକ ଅଭିଭାଷଣରେ ବିଭାଜନର ବିଭୀଷିକା ସହ ଏହା ପଛରେ ଥିବା ବିଭିନ୍ନ ଅନାଲୋଚିତ ତଥ୍ୟ ଉପସ୍ଥାପନ କରିଥିଲେ ।ସେ କହିଥିଲେ ଯେ ଅଖଣ୍ଡ ଭାରତର ବିଭାଜନ କେବଳ ଭୌଗୋଳିକ ସୀମାରେଖାର ପରିବର୍ତନ ନଥିଲା । ଏହା କୋଟି କୋଟି ଲୋକଙ୍କୁ ନିଜ ଭିଟାମାଟି, ଭାଇଚାରା, ଆତ୍ମୀୟତା ଓ ଶତାବ୍ଦୀପୁରୁଣା ସାଂସ୍କୃତିକ ମୂଳରୁ ବିଚ୍ଛିନ୍ନ କରିଦେଇଥିବା ଏକ ଦାରୁଣ ମାନବୀୟ ବିପର୍ଯ୍ୟୟ ଥିଲା । ପୁରୁଣା ସ୍ମୃତି ଓ ଐତିହାସିକ ଚେତନାକୁ ସୁରକ୍ଷିତ ରଖିବା କ୍ଷେତ୍ରରେ ଇସ୍ରାଏଲର ଉଦାହରଣ ଦେଇ ସେ କହିଥିଲେ ଯେ ଭାରତରେ ବିଭାଜନ ସମ୍ପର୍କିତ ତଥ୍ୟ ଓ ସ୍ମୃତିକୁ ସଂରକ୍ଷଣ କରିବା ବଦଳରେ ଅନେକ କ୍ଷେତ୍ରରେ ତାହା ନଷ୍ଟ ହୋଇଯାଇଛି, ଯାହା ଦୁର୍ଭାଗ୍ୟଜନକ । ନିଜ ଅଭିଭାଷଣରେ ଶ୍ରୀ ଶ୍ରୀବାସ୍ତବ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ମୁସଲିମ ଲିଗ, ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟର ତତ୍କାଳୀନ ଯୁବ ଓ ଛାତ୍ର ସମାଜରେ ବିଭାଜନକୁ ନେଇ ଥିବା ବିଭିନ୍ନ ମତ, ଓଡ଼ିଶାରେ ମୁସଲିମ ଲିଗର କାର୍ଯ୍ୟଧାରା ଏବଂ 'ଡାଇରେକ୍ଟ ଆକ୍ସନ ଡେ' ସମୟରେ ଓଡ଼ିଶାର କେତେକ ମୁସଲିମ ନେତାଙ୍କ ଭୂମିକା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ 'ସ୍ମୃତି ଅନୁଭୂତି' ପୁସ୍ତକରେ ଓଡ଼ିଶାରେ ମୁସଲିମ ଲିଗର ପ୍ରଭାବ ଓ ପାକିସ୍ତାନ ଗଠନ ପ୍ରକ୍ରିୟା ସମ୍ପର୍କିତ ବିଭିନ୍ନ ତଥ୍ୟ ରହିଥିବା ସେ ଉଲ୍ଲେଖ କରିଥିଲେ ।ପ୍ରାୟ ଏକ ଘ[ାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ତାଙ୍କ ତଥ୍ୟଭିତିକ ଓ ବିଶ୍ଲେଷଣାତ୍ମକ ଅଭିଭାଷଣ ଉପସ୍ଥିତ ଶ୍ରୋତାଙ୍କ ମଧ୍ୟରେ ବେଶ୍ ପ୍ରଭାବ ପକାଇଥିଲା । କାର୍ଯ୍ୟକ୍ରମରେ ବାଲେଶ୍ୱର ନୃତ୍ୟ ସଙ୍ଗୀତ କଳା ମନ୍ଦିରର ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । 'ବନ୍ଦେ ମାତରମ୍' ଗାନରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ରାଜେଶ ମହାପାତ୍ର ମଂଚ ଆହ୍ୱାନ କରିଥିଲେ । ସଂସ୍ଥାନର କାର୍ଯ୍ୟକର୍ତା ଓ ସଦସ୍ୟସଦସ୍ୟାମାନଙ୍କ ସକ୍ରିୟ ସହଯୋଗରେ ସମ୍ମିଳନୀ ସଫଳ ହୋଇଥିଲା । ବାଲେଶ୍ୱରର ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧି ଯୋଗଦେଇ ବିଭାଜନର ଇତିହାସ, ଏହାର ମାନବୀୟ ପ୍ରଭାବ ଏବଂ ଭବିଷ୍ୟତ ଭାରତ ଗଠନର ଆହ୍ୱାନ ଉପରେ ଆଲୋଚନାରେ ସାମିଲ ହୋଇଥିଲେ ।

# ଗଣେଶ ପୂଜାକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ଭାବେ ପାଳନ ପାଇଁ ଶାନ୍ତି କମିଟି ବୈଠକ



ବାଲେଶ୍ୱର, (ନି.ପ୍ର.): ଆଗାମୀ ତା ୧୪/୦୯/୨୦୨୬ ରିଖରେ ହେବାକୁ ଥିବା ଗଣେଶ ପୂଜାକୁ ପାରମ୍ପରିକ ରୀତିନୀତି, ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ଭାବେ ପାଳନ ନିମନ୍ତେ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ସୂର୍ଯ୍ୟବଂଶ ମୟୂର ବିକାଙ୍କ ଅଧକ୍ଷତାରେ ଗତ ୧ ସେପଟ୍ମ୍ବର ୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଗାନ୍ଧୀ ସ୍ମୃତି ଭବନଠାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବାଲେଶ୍ୱର ସଦର ବିଧାୟକ, ପୌରାଧକ୍ଷା, ପୋଲିସ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଏବଂ ବିଭିନ୍ନ ଗଣେଶ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ ।

ବୈଠକରେ ପୂଜା ପାଇଁ ଆବଶ୍ୟକ ଅନୁମତି ଓ ଆପତିବିହୀନ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ୮ରୁ ୧୦ ସେପଟ୍ମ୍ବର ପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରାଯିବାକୁ ନିଷ୍ପତି ହୋଇଛି । ଶୋଭାଯାତ୍ରା ପାଇଁ ମଧ ଆବଶ୍ୟକ ଅନୁମତି ନେବାକୁ ପୂଜା କମିଟିଗୁଡ଼ିକୁ କୁହାଯାଇଛି ।

ପୂଜାମଣ୍ଡପରେ ଶବ୍ଦ ନିୟନ୍ତ୍ରଣ, ରାତି ୧୦ଟା ପରେ ଡାକବାଜି ଯନ୍ତ୍ର ବ୍ୟବହାର ନ କରିବା, ରାସ୍ତା ଅବରୋଧ ନ କରିବା ଏବଂ ନିର୍ଦ୍ଧାରିତ ସ୍ଥାନରେ ମଣ୍ଡପ ସ୍ଥାପନ ପାଇଁ ନିଷ୍ପତି ହୋଇଛି । ସୁରକ୍ଷା ଦୃଷ୍ଟିରୁ ପ୍ରତ୍ୟେକ ମଣ୍ଡପରେ ଅଗ୍ନିନିର୍ବାପକ ଯନ୍ତ୍ର, ପାଣି ଓ ବାଲିଭର୍ତି ବାଲଟି ରଖିବାକୁ କୁହାଯାଇଛି ।

ଭସାଣି ସମୟରେ ମଦ୍ୟପାନ, ନିଶାଦ୍ରବ୍ୟ, ମାରଣାସ୍ତ୍ର, ଲାଠି, ବାଣ ଓ ଆତସବାଜି ବ୍ୟବହାର ଉପରେ କଟକଣା ଲାଗୁ କରାଯାଇଛି । ସିସିଟିଭି ଓ ଡ୍ରୋନ୍? ମାଧ୍ୟମରେ ନିରୀକ୍ଷଣ ସହ ଟ୍ରାଫିକ୍? ଓ ପାର୍କିଂ ବ୍ୟବସ୍ଥା ସୁଦୃଢ଼ କରାଯିବ ।

ଗଣେଶ ମୂର୍ତି ବିସର୍ଜନ ପାଇଁ ୧୬, ୧୮ ଓ ୨୧ ସେପଟ୍ମ୍ବର ତାରିଖ ଧାର୍ଯ୍ୟ କରାଯାଇଛି । ସମସ୍ତ ପୂଜା କମିଟି ପ୍ରଶାସନକୁ ସହଯୋଗ କରି ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପୂଜା ଓ ଭସାଣି ଉତ୍ସବ ପାଳନ କରିବାକୁ ଆହ୍ୱାନ ଦିଆଯାଇଛି ।

# ସମ୍ବର୍ଦ୍ଧିତ ହେଲେ ଛାତ୍ର ପଙ୍କଜ କୁମାର ରାଉତ




ବାଲେଶ୍ୱର(ନି.ପ୍ର.) ପବିତ୍ର ଗୁରୁଦିବସ ଅବସରରେ ଇଂଟିଗ୍ରେଟେଡ୍ +୨ ବିଜ୍ଞାନ ଶିକ୍ଷାନୁଷ୍ଠାନ ପରିସରରେ ଗୁରୁଦକ୍ଷିଣା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ମନୋରଂଜନ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ପ୍ରଫୁଲ୍ଲ ଦାସ, ସମ୍ମାନିତ ଅତିଥି ଭାବେ ଡ. ଭାଗବତ ପ୍ରସାଦ ଦାସ, ମୁଖ୍ୟବକ୍ତା ଭାବେ ସତ୍ୟଶିବ ଦାସ, ଚୈତନ୍ୟ ବିଦ୍ୟାପୀଠ ପରିଚାଳନା ନିର୍ଦ୍ଦେଶକ ଓ ପ୍ରତିଷ୍ଠାତା ସୁଭ୍ରାଂଶୁ ମିଶ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ବିବରଣୀ ପାଠ କରିଥିଲେ ଅଧ୍ୟାପିକା ସୁଭଦ୍ରା ଦାସ ମହାପାତ୍ର । ମଂଚ ଆହ୍ୱାନ କରିଥିଲେ ଅଧ୍ୟାପିକା ସସ୍ମିତା ଓ ଅଭିଲିପ୍ସା । ପରିଚାଳନାରେ ସହଯୋଗ କରିଥିଲେ ଅଧ୍ୟାପକ ପର୍ଶୁରାମ ପଣ୍ଡା, ଶରତ ଜେନା, ରେହେମାନ୍ ସାର ଏବଂ ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକା ବୃନ୍ଦ । ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତାଙ୍କ ମା' ସୁକାନ୍ତି ମିଶ୍ର, ଅଧ୍ୟାପକ ଅଜିତ କୁମାର ଛାଟୋଇ, ଛାତ୍ର ପଙ୍କଜ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ଗୁରୁଦିବସ ଅବସରରେ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ରୀଚୈତନ୍ୟ ବିଦ୍ୟାପୀଠର ଅଷ୍ଟମ ବାର୍ଷିକ ଉତ୍ସବ ସିଦ୍ଧି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି ।

## ନଗର ବିଶ୍ୱ ହିନ୍ଦୁ ପରିଷଦ ର ଆଠଟି ସ୍ଥାନରେ 'ବିଶ୍ୱ ହିନ୍ଦୁ ପରିଷଦ ର ସ୍ଥାପନା ଦିବସ ଓ ଜନ୍ମାଷ୍ଟମୀ ପାଳନ

ବାଲେଶ୍ୱର(ନି.ପ୍ର.) ବିଶ୍ୱ ହିନ୍ଦୁ ପରିଷଦ ର ନଗର କମିଟି ତରଫରୁ ବାଲେଶ୍ୱର ସହରରେ ଆଠଟି ସ୍ଥାନରେ 'ବିଶ୍ୱ ହିନ୍ଦୁ ପରିଷଦ ର



ସ୍ଥାପନା ଦିବସ ଓ ଜନ୍ମାଷ୍ଟମୀ 'ପାଳିତ ହୋଇଯାଇଛି. ଜ୍ଞାନ ରଞ୍ଜନ ଦାଶ, ପ୍ରତାପ ମହାନ୍ତି, ମୁରଲୀଧର ନାୟକ, ଜିତେନ୍ ବେହେରା, ସାଗର ମହାନ୍ତି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ. ବାଲିଆ ହାଉସିଂ ବୋର୍ଡ ଓ ଉତ୍ସର୍ଗ ବୃଦ୍ଧାଶ୍ରମ ରେ ସତ୍ୟଭାମା ମୁଦୁଲି, ଅଙ୍ଗାର ଗଡିଆ ରାମେଶ୍ୱର ନଗର ରେ ପ୍ରସନ୍ନ ବିଶ୍ୱାଳଓ ସ୍ନେହଲତା ରାଉତ, ଅଙ୍ଗାରଗଡ଼ିଆ ମଙ୍ଗଳା ମନ୍ଦିର ଠାରେ ସଂଗ୍ରାମ ପତି ଓ ବାସୁଦେବ ସ୍ୱାଇଁ, ପଦୁଆଁପଦା ରେ କଳ୍ପନା ନାୟକ, ବଟେଶ୍ୱର ରେ ସୌମ୍ୟରଞ୍ଜନ କର, ସହଦ୍ୱେଖୁ[ା ରେ ଚନ୍ଦନ ଦାସ, ଭାସ୍କରଗଞ୍ଜ (ଖ )ରେ ଅଷ୍ଟ କୁମାର ସାମନ୍ତ ଅତି ସଫଳତାର ସହ ନେତୃତ୍ୱ ନେଇଥିଲେ ।ଏଥିରେ ଛୋଟ ଛୋଟ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସଂକୀର୍ତନ, ପ୍ରବଚନ, ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବାଲ୍ୟ ବିବାହ ମୁକ୍ତ ନିମନ୍ତେ ଶିକ୍ଷକ ମାନଙ୍କ ଏକ କର୍ମଶାଳା ଅନୁଷ୍ଠିତ




ବାଲେଶ୍ୱର(ନି.ପ୍ର.)ସମାଜରେ ବାଲ୍ୟ ବିବାହ ମୁକ୍ତ ଅଭିଯାନ ନିମନ୍ତେ ଆଜି ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଠାରେ ପବିତ୍ର ଗୁରୁଦିବସ ଉପଲକ୍ଷେ ବସ୍ତି ଏରିଆ ଡେଭେଲପମେ[ କାଉନସିଲ (ବିଏଡିସି) ଦ୍ୱାରା ଏକ କର୍ମଶାଳା ଆୟୋଜନ କରାଯାଇଛି. ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ କର୍ମଶାଳାକୁ ମୟୁରଭଞ୍ଜ ଶିଶୁ କମିଟିର ଅଧକ୍ଷା ଭାସ୍ୱତି ବାରିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ. ଏହି କର୍ମଶାଳାରେ ମୟୁରଭଞ୍ଜ ଜ୍ହିଲ୍ଲା ସାମଜ ମଙ୍ଗଳ ବିଭାଗର ଅଧିକାରୀ, ମହିଳା ସୁରକ୍ଷା ବିଭାଗର ଅଧିକାରିଣୀ ଓ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ ଟୁଡୁ ଇତ୍ୟାଦି ଅତିଥିବୃନ୍ଦ ବାଲ୍ୟ ବିବାହ ମୁକ୍ତ ନିମନ୍ତେ କଡାକଡ଼ି ଭାବେ ଆଇନ ପ୍ରତାୟନ ଓ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ. ଉକ୍ତ କର୍ମଶାଳା ପ୍ରାରମ୍ଭରେ ବିଏଡିସି ସାମାଜିକ ସଂସ୍ଥାର ସଂପାଦକ ତଥା ବିଶିଷ୍ଟ ସାମାଜିକ କର୍ମୀ ଶ୍ରୀ ଗୋପାଳ କୃଷ୍ଣ କର ବାଲ୍ୟବିବାହ ମୁକ୍ତ ନିମନ୍ତେ ବିଶେଷଭାବେ ଶିକ୍ଷକ ମାନଙ୍କର ଭୂମିକା ଜ୍ହିଲ୍ଲା ପ୍ରଶାସନ ତଥା ସମାଜ ମଙ୍ଗଳ ବିଭାଗ ସହଯୋଗ ଅତ୍ୟନ୍ତ ସକାରାତ୍ମକ ବୋଲି ପ୍ରଶଂସା କରିବା ସହ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ଉପ ଢ଼ୌକନ ପ୍ରଧାନ କରି ସମ୍ବୋଧିତ କରିଥିଲେ. ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ଷଷ୍ଠ/ ସପ୍ତମ / ଅଷ୍ଟମ/ ନବମ/ ଦଶମ ଶ୍ରେଣୀ ର ଅନୁନ୍ୟ ୯୦୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ. ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ରାଧାଶ୍ୟାମ ପ୍ରଧାନ, ବଟକୃଷ୍ଣ ବିହାରୀ, ସୁବ୍ରତ କର୍ମର ପ୍ରଧାନ ଯୋଗଦେଇଥିଲେ ବାଲ୍ୟବିବାହ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ . ଏହି ପରିପେକ୍ଷୀରେ ଗତ ୪ ତାରିଖ ଦିନ ସଂଯୁକ୍ତ ରାଷ୍ଟ୍ର ସମ୍ମିଳନିରେ ଆନ୍ତର୍ଜାତିକ ବାଲ୍ୟବିବାହ ଦିବସ ଘୋଷଣା ହେଇଥିବା ଯୋଗୁଁ ଜେଆରସି ଓ ଭୁବନ ରିବୁଙ୍କୁ ଧନ୍ୟବାଦ ଅର୍ପିତ କରାଯାଇଥିଲା. ଏହି କାର୍ଯ୍ୟକ୍ରମ ଶେଷରେ ଏକ ସାମ୍ବାଦିକ ସମ୍ମିଳନି ଆୟୋଜନ କରାଯାଇ ବାଲ୍ୟବିବାହ ମୁକ୍ତ ନିମନ୍ତେ ଶିକ୍ଷକ ଓ ସାମ୍ବାଦିକ , ଜ୍ହିଲ୍ଲା ପ୍ରଶାସନର ଭୂମିକା ଅତ୍ୟନ୍ତ ପ୍ରସଂଶନୀୟ ବୋଲି ବିଏଡିସିର ସଂପାଦକ ଗୋପାଳ କୃଷ୍ଣ କର ମତବ୍ୟକ୍ତ କରିଥିଲେ . ଏହି କାର୍ଯ୍ୟକ୍ରମକୁ ବାଲେଶ୍ୱର ଓ ମୟୁରଭଞ୍ଜ ଜ୍ହିଲ୍ଲାର ଜେଆରସି କର୍ମଚାରୀ ମାନେ ପରିଚାଳନା କରାଇଥିଲେ ।

# ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ କମିଟି ବୈଠକ




ବାଲେଶ୍ୱର(ନି.ପ୍ର.) ୬ ତାରିଖ ପୂର୍ବାହ୍ନରେ ରାଜ୍ୟ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ କମିଟି ବୈଠକ ଓ ସମାଜରେ ଛପା ଗଣମାଧ୍ୟମ ବନାମ ସାମାଜିକ ଗଣମାଧ୍ୟମର ପ୍ରଭାବ ସମ୍ପର୍କିତ ଆଲୋଚନାଚକ୍ର ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଆଖରପଦା ଲଳିତଗିରିରୋଡ଼ ସ୍ଥିତ ସୁନନ୍ଦା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ଭାଗବତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପୂର୍ବତନ କୃଷିମନ୍ତ୍ରୀ ଅମର କୁମାର ଶତପଥୀ ଯୋଗଦେଇ ବକ୍ତବ୍ୟରେ କହିଲେ କି, ସୋସିଆଲ ମିଡ଼ିଆ ଠାରେ ପ୍ରିଂଟ ମିଡ଼ିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ । ହେଲେ ଗଣମାଧ୍ୟମର ପ୍ରତିନିଧିମାନେ ସଠିକ୍ ଭାବେ ନିଜର କର୍ତବ୍ୟ ସମ୍ପାଦନ କରିବା ସହ ଏକ ସୁସ୍ଥ ସମାଜ ଗଠନ କରିବା ଦିଗରେ ବ୍ରତୀ ହେବା ଦରକାର । ଆୟୋଜିତ ଏହି ବୈଠକରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ପୀତବାସ ମିଶ୍ର, ଭୁବନେଶ୍ୱରର ଅଧ୍ୟକ୍ଷ ହୃଶିକେଶ ମହାନ୍ତି, ଯାଜପୁର ଜିଲ୍ଲା ସଂଗଠନର ସାଧାରଣ ସମ୍ପାଦକ ତପନ ମହାରଣ୍ୟ ଶର୍ମା ଯିଏକି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଦିଲୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ଅନନ୍ୟା ରାଉତ, ଗିରିଜା ବାବୁ, ଅରବିନ୍ଦ ରାଉତ, ବିଶ୍ୱାବାଣୀ ସମ୍ପାଦକ ଅର୍ଜୁନ ମୁଦୁଲି ପ୍ରମୁଖ ଯୋଗ ଦେଇଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ଭବେଶ ଚନ୍ଦ୍ର ପାଣିଗ୍ରାହୀ, ଦେବବ୍ରତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ କ୍ଷେତ୍ରରେ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ନିଆରା ଢଙ୍ଗରେ ପାଳିତ ହେଲା ଗୁରୁଦିବସ

ବାଲେଶ୍ୱର(ନି.ପ୍ର.) ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗୁରୁଦିବସ ଏକ ନୂତନ ଚିନ୍ତାଧାରା ସହ ପାଳନ କରାଯାଇଛି । ପାରମ୍ପରିକ ଶୁଭେଚ୍ଛା ବିନିମୟ ସହିତ ଶିକ୍ଷକ-ଶିଷ୍ୟ ସମ୍ପର୍କ, ମୂଲ୍ୟବୋଧର ବିକାଶ ଏବଂ ଜ୍ଞାନଚର୍ଚ୍ଚାକୁ କେନ୍ଦ୍ର କରି ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି



ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଅଧ୍ୟାପକ ଓ ଅଧ୍ୟାପିକାମାନେ ନିଜର ଶିକ୍ଷାଦାନ ଅନୁଭୂତି ଓ ପ୍ରେରଣାଦାୟୀ ଅଭିଜ୍ଞତା ବା[ିଥିଲେ ।ଏଥିସହ ଗୁରୁଦିବସକୁ କେବଳ ଔପଚାରିକତାରେ ସୀମିତ ନ ରଖି ଏହାକୁ ଶିକ୍ଷାତ୍ମକ ଚିନ୍ତନ ଓ ଆତ୍ମସମୀକ୍ଷାର ଏକ ମଂଚ ଭାବେ ପାଳନ କରାଯାଇଥିଲା । ନିଜ ଅଭିଭାଷଣରେ କୁଳପତି କହିଥିଲେ ଯେ, ଜଣେ ଶିକ୍ଷକ କେବଳ ପାଠ୍ୟକ୍ରମ ପଢ଼ାଇବାରେ ସୀମିତ ରହନ୍ତି ନାହିଁ; ସେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗବେଷଣାମନସ୍କତା, ସମାଲୋଚନାତ୍ମକ ଚିନ୍ତନ, ନୈତିକ ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱବୋଧର ବିକାଶ କରିବାରେ ପ୍ରମୁଖ ଭୂମିକା ନିଭାନ୍ତି । ସେ ବିଶ୍ୱବିଦ୍ୟାଳୟର ଉନ୍ନତିରେ ସମସ୍ତ ଶିକ୍ଷକଙ୍କ ଅବଦାନକୁ ପ୍ରଶଂସା କରି ସେମାନଙ୍କୁ ଉପହାର ପ୍ରଦାନ କରି ସମ୍ମାନିତ କରିଥିଲେ । ଏହି ଅବସରରେ ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ-ଅଧ୍ୟାପିକା ମାନଙ୍କ ସକ୍ରିୟ ଅଂଶଗ୍ରହଣ ରହିଥିଲା ।

# ସଲମୋନ ସାହୁଙ୍କ ଶ୍ରଦ୍ଧାଂଜଳି ସଭା



ବାଲେଶ୍ୱର(ନି.ପ୍ର.)ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ପ୍ରକୋଷ୍ଠରେ ସ୍ୱର୍ଗତ ସାମ୍ବାଦିକ ସଲମୋନ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ କମିଟିର ସମ୍ପାଦକ ଶ୍ରୀ ଗଗନ କୁମାର ସେଠୀ ଅତିଥି ପରିଚୟ ସହିତ ମଞ୍ଚ ଆହ୍ୱାନ କରିଥିଲେ ।ଆଜିର ସଭାରେ କମିଟିର ଉପସଭାପତି ଶ୍ରୀ ସନ୍ଦିପ୍ତ ଦାସ ସଭାପତିତ୍ୱ କରିଥିବା ସହିତ ମଂଚ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ପ୍ରେସ ଇକ୍ସପ୍ରେସ କ୍ଲବର ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କର ଯୋଗଦେଇ ସଲମୋନ ସାହୁଙ୍କ ସହ ବିତେଇଥିବା ମୁହୂର୍ତର ସ୍ମୃତିଚାରଣ କରି କହିଥିଲେ କି ସଲମୋନ ଭଳି ସାମ୍ବାଦିକ ଆଉଥରେ ଜନ୍ମହେବା ଅସମ୍ଭବ ।ସେ ଜଣେ କପଟ ବିହୀନ ସାଲିସ ବିହୀନ ବ୍ୟକ୍ତିତ୍ୱର ମାଲିକ ଥିଲା ।ଆମେ ସମସ୍ତେ ତାର ପଥକୁ ଅନୁସରଣ କଲେ ନିଶ୍ଚିତ ତାର ଆତ୍ମା ସଦଗତି ପ୍ରାପ୍ତ ହେବ । ସମ୍ମାନିତ ଅତିଥି ଭାବରେ କାଳାନ୍ତର ସାମ୍ବାଦିକ ଶିବଶଙ୍କର ଭୋଇ କହିଥିଲେ କି ସଲମୋନ ସାହୁ ଜଣେ ଉଚ୍ଚ କୋଟୀର ସାମ୍ବାଦିକ ଥିଲେ ।ସେଭଳି ସାମ୍ବାଦିକ ଖୁବ କମ ଦେଖାଯାଆନ୍ତି ।ଏହି ଶ୍ରଦ୍ଧାଞ୍ଜଳି ସଭାରେ ସୋଲୋମନ ସାହୁଙ୍କ ସହଧର୍ମିଣୀ ପୁଅ ଝିଅ ବହୁ ଓ ନାତୀ ଉପସ୍ଥିତ ରହିଥିଲେ । ସୋଲୋମନ ସାହୁଙ୍କ ଝିଅ ଭାବପ୍ରବଣ ସହିତ କହିଥିଲେ କି ମୋ ବାପାଙ୍କୁ କମିଟ ପ୍ରତ୍ୟେକ ବର୍ଷ ମନେ ପକାଉଥିବାରୁ ଆମେ ଗର୍ବିତ ଓ କମିଟି ପାଖରେ ଋଣୀ ମଧ । ସୋଲୋମନ ସାହୁଙ୍କ ସହିତ ସାମ୍ବାଦିକତା କରୁଥିବା ଶ୍ରୀ କମଳା କାନ୍ତ ନାୟକ, ସୁରେନ୍ଦ୍ର ଜେନା,ପ୍ରଦିପ କୁମାର ବେରା,ସନ୍ଦିପ ବେହେରା, ପୁର୍ଣ୍ଣଚନ୍ଦ୍ର ବେହେରା, ମହେଶ୍ୱର ପ୍ରଧାନ , ଅଜିମ ବାଲେଶ୍ୱରୀ, ହିରତିକ ନାୟକ, ମିତାଞ୍ଜଳି ପାଣିଗ୍ରାହୀ,ଶରତ ସାମଲ, ଲକ୍ଷ୍ମୀଧର ମଣ୍ଡଳ, ପ୍ରମୁଖ ଉପସ୍ଥିତ ରହି ସୋଲୋମନ ସାହୁଙ୍କ ସ୍ମୃତିଚାରଣ କରିଥିଲେ । ସର୍ବଶେଷରେ ସମ୍ପାଦକ ଗଗନ କୁମାର ସେଠୀ ଧନ୍ୟବାଦ ସହ ସଭାକାର୍ଯ୍ୟ ସମାପନ କରିଥିଲେ ।



# ଜିଲ୍ଲାସ୍ତରୀୟ ନାରୀ ଜାଗରଣ ଶୋଭାଯାତ୍ରା ଓ ସମ୍ମିଳନୀ ଅନୁଷ୍ଠିତ



ନୟାଗଡ଼(ନିପ୍ର): ଗାୟତ୍ରୀ ପରିବାର ର ସମସ୍ତ ମହିଳା ମାଆ ଭଉଣୀମାନଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ୧୧ଟା ସମୟରେ ନୟାଗଡ଼ ବ୍ଲକ୍ ସଭାଗୃହରେ ନୟାଗଡ଼ ବ୍ଲକ୍ ସଂଯୋଜିକା ଭଉଣୀ କୁକୁମ ବେହେରାଙ୍କ ସଂଯୋଜନାରେ ନାରୀଜାଗରଣ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ନୟାଗଡ଼ ପୌର ଅଧକ୍ଷା ନିରୁପମା ଖଟେଇ ଯୋଗଦେଇ ନାରୀ ସର୍ବଶକ୍ତିର ଆଧାର ବୋଲି କହିବା ସହିତ ନାରୀର ସାଧନା ଓ ତପସ୍ୟା ବଳରେ ଘର ପରିବାର ର ସମସ୍ତ ବିପତି ଦୂର ହୋଇଯାଏ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଜୋନ୍‌ର ଆସନ୍ତୁ ଗଢିବା ସଂସ୍କାରବାନ ପିଢିର ସଂଯୋଜିକା ବିଳାସିନୀ ସାହୁ, ଓଡିଶା ନାରୀଜାଗରଣ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜିକା ଉର୍ମିଳା ମିଶ୍ର, ଆସନ୍ତୁ ଗଢିବା ସଂସ୍କାରବାନ ପିଢିର ରାଜ୍ୟ ସଂଯୋଜକ ବିଚିତ୍ରାନନ୍ଦ ସାହୁ ଯୋଗଦେଇ ଥିଲା ବେଳେ ନୟାଗଡ଼ ଜିଲ୍ଲା ଗାୟତ୍ରୀ ପରିବାର ର ଜିଲ୍ଲା ସଂଯୋଜକ ରାମଚନ୍ଦ୍ର ଦାସ ମଂଚାସୀନ ହୋଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଉତମ ସନ୍ତାନ ଟିଏ ଧରାପୃଷ୍ଠରେ ଭୂମିଷ୍ଠ ହେଲେ ଉତମ ସମାଜ ଗଠନ ହୋଇ ପାରିବ, ତେଣୁ ସଂସ୍କାରବାନ ପିଢି ଗଢିବାରେ ମାଆ ମାନଙ୍କର ଭୂମିକା ଉପରେ ମତବ୍ୟକ୍ତ କରିବା ସହିତ ନାରୀ ହେଉଛି ଘର ପରିବାର ରାଜ୍ୟ, ଦେଶ ଓ ବିଶ୍ୱର ପ୍ରଗତିର ମୂଳ ଆଧାର ବୋଲି ସମସ୍ତ ଅତିଥି ମାନେ ସାରଗର୍ଭକ ଆଲୋଚନା କରିଥିଲେ । ଏହି ସମ୍ମିଳନୀରେ ସ୍ୱାବଲମ୍ବୀ ମହିଳା ମାନଙ୍କୁ ସମ୍ମାନିତ କରାଯାଇ ଥିଲାବେଳେ ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତା ମାନଙ୍କୁ ସମ୍ମାନିତ କରାଯାଇ ଥିଲା । ନୟାଗଡ଼ ଜିଲ୍ଲା ର ପ୍ରାକ୍ତନ ଜିଲ୍ଲା ପ୍ରମୁଖ ରାହାସ ବିହାରୀ ସେଠୀ ଓ ପ୍ରାକ୍ତନଜିଲ୍ଲା ସଂଯୋଜକ ଶ୍ରୀଧର ସାହୁ ଆଗାମୀ କାର୍ଯ୍ୟକ୍ରମ ପାଇଁ ନିଜ ନିଜର ବକ୍ତବ୍ୟ ରଖିଥିଲେ । ନୟାଗଡ଼ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ମହିଳା ମାନେ ଯୋଗଦେଇ ଥିଲା ବେଳେ ନୟାଗଡ଼ ଗାୟତ୍ରୀ ପରିବାର ର ବରିଷ୍ଠ କାର୍ଯ୍ୟକର୍ତା ଡାକ୍ତର ମଧୁମିତା ଷଡଙ୍ଗୀ, ପ୍ରଭାତ ବେହେରା, ଅଜୟ ସାହୁ, ପ୍ରାଣକୃଷ୍ଣ ସାହୁ, ବିଜୟ କୁମାର ପଣ୍ଡାଙ୍କ ସମେତ ପ୍ରତ୍ୟେକ ବ୍ଲକର ବରିଷ୍ଠ କାର୍ଯ୍ୟକର୍ତା ମାନେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ୧୨୫ପ୍ରକଳ୍ପ



ଖଇରା(ନିପ୍ର): ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡଗରପଡା ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜିଲା ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ସିଆରସିସି ନିରଞ୍ଜନ ନାୟକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଜିଲାର ୧୯ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ୧୨୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା । ଶଶିକାନ୍ତ ରାଉତ, ସୌଭାଗ୍ୟ ବିଶ୍ୱାଳ, ରତ୍ନାକର କେଶି, ରତିକାନ୍ତ ବେହେରା ଓ ମନୋରଞ୍ଜନ ବେହେରା ପ୍ରମୁଖ ବିଚାରକ ଭାବେ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ । ସବ ଜୁନିୟର, ଜୁନିୟର, ସବ ସିନିୟର ଓ ସିନିୟର ରେ ରାଜଲକ୍ଷ୍ମୀ ମଲ୍ଲିକ, ଶୁଭଲକ୍ଷ୍ମୀ ମହାନ୍ତି, କ୍ଷୀରାବ୍ଧୀ ତନୟା ପଣ୍ଡା, ଚନ୍ଦ୍ରଶେଖର ଭୁୟାଁ, ଲୋକ୍ୟାଦିପ ନାୟକ, କ୍ରୀଷ୍ଣାସୌରଭ ବିଶ୍ୱାଳ, ସିନିୟର ରେ ଶୁଭସ୍ମିତା ସାହୁ, ପ୍ରତ୍ୟୁଷ କୁମାର ଘଡେଇ, ମୋନାଲି ପ୍ରଧାନ, ସତ୍ୟଜିତ ବେହେରା, ସାଇ ସମ୍ପୁର୍ଣ୍ଣା ଦଳାଇ, ରିତିକ କୁମାର ନାୟକ, ରାଜଲକ୍ଷ୍ମୀ ସେଠୀ, ସାଇକ୍ରୀଷ୍ଣା ବାରିକ, ମହେଶ ଶନ୍ଧିବିଗ୍ରହ, ଉଦିପ୍ତା ମହାପାତ୍ର, ମାଧବାନନ୍ଦ ଦାସ, ପ୍ରୟାଂଶୁ ପଣ୍ଡା, ପରମେଶ୍ୱର ଜେନା, କ୍ରିତିକ ଜେନା, ଆଶିଷ ଦାସ, ପାୟଲ ରାଉତ, ଖୁସିୟା ପଣ୍ଡା, ଶୁଭଦର୍ଶନୀ ପାଣିଗ୍ରାହୀ ପ୍ରମୁଖ କୃତିତ୍ୱ ହାସଲ କରିଥିଲେ । ଜିଲା ମୁଖ୍ୟ ଦିପ୍ତିକାନ୍ତ ପାଢୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

## ବୃକ୍ଷରୋପଣ କରି ପାଳିଲେ ପୁଅର ଜନ୍ମଦିନ

ସୋର(ନିପ୍ର): ସୋରର ଜଣେ ବ୍ୟକ୍ତି ବୃକ୍ଷରୋପଣ କରି ନିଜ ପୁଅର ଜନ୍ମଦିନକୁ ଏକ ନିଆରା ଢଙ୍ଗରେ ପାଳିଛନ୍ତି । ସୋରର ସାମ୍ବାଦିକ ପ୍ରମୋଦ ଦାସ ଆଜି ଏକମାତ୍ର ୪ ବର୍ଷର ପୁଅ ପ୍ରତ୍ୟୁଷ ଦାସଙ୍କ ଜନ୍ମ ଦିନକୁ ଘରେ ଆଡମ୍ବରର ସହ ପାଳନ କରୁଥିଲେ । ମାତ୍ର ଚଳିତ ବର୍ଷ ଏହି ଜନ୍ମଦିନକୁ ନିଆରା ଢ଼ଙ୍ଗରେ ପାଳନ କରଛନ୍ତି । ପ୍ରଥମେ ଦିଗିଭଅାଁରା ସତସଙ୍ଗ ବିହାର ପରିସରରେ ସତସଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପରେ ପରିବାର ସହ ମିଶି ସତସଙ୍ଗ ବିହାର ପରିସରରେ ବିଭିନ୍ନ ପ୍ରଜାତିର ୨୫ଟି ଚାରା ରୋପଣ କରାଯାଇଥିଲା । ଆଗାମୀ ପୀଢ଼ିର ସୁରକ୍ଷା ପାଇଁ ପ୍ରତ୍ୟେକ ଲୋକ ଯେକୌଣସି ମାଙ୍ଗଳିକ କାର୍ଯ୍ୟକ୍ରମରେ ଗଛ ଲଗାଇବାକୁ ସେ ଆହ୍ୱାନ ଦେଇଛନ୍ତି ।

# ଓଡ଼ିଶାର ପ୍ରଥମ ବାଚସ୍ପତିଙ୍କ ଜୟନ୍ତୀ ଉତ୍ସବ ପାଳିତ



ସୋର(ନିପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସ୍ୱାଧୀନତା ପରର ପ୍ରଥମ ବାଚସ୍ପତି ନନ୍ଦକିଶୋର ଦାସ ୧୩୪ତମ ଜୟନ୍ତୀ ନନ୍ଦକିଶୋର ମେମୋରିଆଲ ଫାଉଣ୍ଡେସନ ତରଫରୁ ସ୍ଥାନୀୟ ଷ୍ଟେସନ ଛକ ସ୍ଥିତ ରୟାଲ କଲ୍ୟାଣ ମଣ୍ଡପ ପରିସରରେ କୃତଜ୍ଞତାର 'ମହାପବନନ୍ଦିତ ନନ୍ଦକିଶୋର' ଶୀର୍ଷକ ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ, ସାହିତ୍ୟପ୍ରେମୀ ଏବଂ ପରିବେଶବିତ୍‌ମାନଙ୍କୁ ଏକାଠି କରି ଏହି ଅନୁଷ୍ଠାନ ଏକ ବୌଦ୍ଧିକ ଓ ସାଂସ୍କୃତିକ ପରିବେଶ ସୃଷ୍ଟି କରିପାରିଛି । ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସଭାପତି ଜଗନ୍ନାଥ ଦାସଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଦୈନିକ ସମ୍ବାଦ ପତ୍ର ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଯୋଗଦେଇ ଭାରତ ସ୍ୱାଧୀନତାରେ ନନ୍ଦକିଶୋର ଦାସଙ୍କର ଭୂମିକା ଏବଂ ପରବର୍ତୀ ନବ ଭାରତ ଗଠନ ସମାଜ ସେବା ପ୍ରତି ତାଙ୍କର ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ନନ୍ଦବାବୁଙ୍କ ପୁତ୍ର ପରମାନନ୍ଦ ଦାସ ଅତିଥି ଭାବେ ଯୋଗଦେଇ ଦ୍ରରିଦ୍ୟତାର କଷାଘାତରେ ଜର୍ଜରିତ ତାଙ୍କ ପିତା ପ୍ରତିକୂଳ ଅବସ୍ଥାରେ ପ୍ରଗାଢ଼ ଧୀ ଶକ୍ତି ଏବଂ ନିଷ୍ଠାପର ଉଦ୍ୟମ ବଳରେ ଶୀର୍ଷରେ ପହଂଚି ପାରିଥିଲେ ବୋଲି କହିଥିଲେ । ଚିତରଂଜନ ଦାସ ମଂଚ ପରିଚାଳନା କରିଥିବା ବେଳେ ବିବରଣୀ ପାଠ କରିଥିଲେ ସଂପାଦକ ତୁଷାର ଧଡ଼ା । ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇଥିଲେ ସଂଗ୍ରମୀ ନନ୍ଦକିଶୋରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ସରୋଜ କୁମାର ବିଶ୍ୱାଳ ଓ ଶ୍ରୀ ପାଣିଗ୍ରାହୀ 'ଆଜିର ପରିବେଶ: ସଙ୍କଟ ଓ ସମାଧାନ' ଶୀର୍ଷକ ଏକ ବିସ୍ତୃତ ଆଳାପ ଆଲୋଚନା କରିଥିଲେ । ବର୍ତମାନର ଜଳବାୟୁ ପରିବର୍ତନ, ବଣଜଙ୍ଗଲକ୍ଷୟ ଏବଂ ପ୍ରଦୂଷଣ ଯୋଗୁଁ ଆମ ସମାଜ ଯେପରିଗମ୍ଭୀର ସମସ୍ୟାର ସମ୍ମୁଖୀନ ହେଉଛି, ସେ ସମ୍ପର୍କରେ ସେ ଗଭୀର ଚିନ୍ତାବ୍ୟକ୍ତ କରିବା ସହ ଏହାର ପ୍ରତିକାର ପାଇଁ ଯୁବପିଢ଼ି ଓ ସାଧାରଣ ଜନତାଙ୍କ ସକ୍ରିୟ ଅଂଶ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ ।

# ଗୋଟିଏ ରାତିରେ ସିରିଜ୍ ଚୋରି

ସୋର(ନିପ୍ର): ସୋର ଥାନା ଅଧୀନସ୍ଥ ନଦୀଗାଁ ଛକରେ ଥିବା ୬ଟି ଦୋକାନରୁ ଚୋରି ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ; ଗତକାଲି ରାତିରେ ନଦିଗାଁ ଛକରେ ଥିବା ଶ୍ରୀକ୍ଷେତ୍ର ମିଷ୍ଟାନ୍ନ ଭଣ୍ଡାରରୁ କେହି ଦୁର୍ବୃତ ଚାବି ଭାଙ୍ଗି ୫୦ ହଜାରରୁ ଅଧିକ ଟଙ୍କାର ସାମଗ୍ରୀ ଚୋରି କରିଥିବା ନେଇ ଦୋକାନର ମାଲିକ ଆଜି ସକାଳେ ଦେକାନ ଖୋଲିବା ସମୟରେ ଜାଣିବାକୁ ପାଇଥିଲେ । ସେହିପରି ବିକାଶ କୁମାର ଜେନାଙ୍କ ବିକାଶ ଚିକେନ ସେଂଟରରୁ ୨୦ଟି କୁକୁଡା ଓ ଗୋଟିଏ ଗ୍ୟାସ ଟାଙ୍କି ସମେତ ନଗଦ ଟଙ୍କା ସମତେ ସୂର୍ଯ୍ୟସାମନ୍ତ ଦାସଙ୍କ ପାନ ଦୋକାନ, ଏକ ଚାହା ଦେକାନ ଓ ସୁଦାମ ବାରିକଙ୍କ ସେଲୁନରୁ ମଧ ଚୋରି ହୋଇଥିବା ଜଣାପଡିଛି । ଏନେଇ ସୋର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ସୋର ଭଳି ଏକ ଗୁରୁତ୍ୱପୁର୍ଣ୍ଣ ଥାନାରେ ଥାନାଧିକାରୀଙ୍କ ପଦବୀ ଦୀର୍ଘ ଦୁଇମାସରୁ ଅଧିକ ଦିନ ଧରି ଖାଲି ପଡିଥିବା ବେଳେ ପୁଲିସ ଏବେ ନିଷ୍କ୍ରିୟ ହୋଇପଡିଛି । ଫଳରେ ଚୋର ଓ ଅସାମାଜିକ ଲୋକମାନଙ୍କ ପ୍ରାଦୁର୍ଭାବ ବଢିଯାଇଛି । ଏହି ଛକରେ ନିଶା କାରବାର ଅଧିକ ହେବା ସହିତ ନିକଟରେ ଥିବା ଏକ ପଡିଆଟି ଅସାମାଜିକ ଯୁବକଙ୍କ ଆଡ୍ଡା ସ୍ଥଳୀ ପାଲଟିଛି । ଫଳରେ ବାରମ୍ବାର ଏହି ଛକରୁ ଚୋରି ଛିନତାଇ ଭଳି ଘଟଣା ଘଟୁଥିବା ଲୋକେ ଅଭିଯୋଗ କରିଛନ୍ତି ।

## ପରିବହନ ଓ ପୋଲିସ ପକ୍ଷରୁ କାଗଜ ପତ୍ର ଯାଂଚ

ସୋର(ନିପ୍ର): ବାଲେଶ୍ୱର ପରିବହନ ବିଭାଗ ଏବଂ ସୋର ପୋଲିସ ପକ୍ଷରୁ ଗାଡି ଗୁଡିକର କାଗଜ ପତ୍ର ଯାଂଚ କରାଯାଇ ଥିଲା । ଏହି ଚଢ଼ାଉରେ ବାଲେଶ୍ୱରର ଜୁନିୟର ଏମ ଭି ଆଇ ଦେବସ୍ମିତା ନାୟକ ବିଭିନ୍ନ ଗାଡିର କାଗଜ ପତ୍ର, ପଲ୍ୟୁସନ ଏବଂ ହେଲମେଟ ପ୍ରଭୃତି ଯାଂଚ କରିଥିଲେ । ଏହି ଯାଂଚ ବେଳେ ଖିଲାପକାରୀ ମାନଙ୍କ ଠାରୁ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କା ଜରିମାନା ଆଦାୟ କରାଯାଇ ଥିଲା । ଏହି ଯାଂଚକୁ ଆହୁରି କଡାକଡି କରାଯିବ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ ।

## ସଂଖ୍ୟାଲଘୁ ସାମ୍ପ୍ରଦାୟର ବହୁ ବ୍ୟକ୍ତି ବିଜେପି ଦଳରେ ସାମିଲ

ସିମୁଳିଆ(ନିପ୍ର): ସଂଖ୍ୟାଲଘୁ ସମ୍ପ୍ରଦାୟର ବହୁ ବ୍ୟକ୍ତି ବିଜେପି ଶିବିରରେ ଆସି, ପୂର୍ବ ଦଳ ଛାଡି ବିଜେପି ଦଳରେ ସାମିଲ । ଏହି ସାମିଲକୁ ନେଇ ସିମୁଳିଆ ବିଜେପି ଶିବିରରେ ଖୁସିର ଲହରୀ ଦେଖିବାକୁ ମିଳିଛି କ୍ଷ ସୂଚନାରୁ ପ୍ରକାଶ ସିମୁଳିଆ ନିର୍ବାଚନ ମଣ୍ଡଳୀର ମାଖନପୁର ପଂଚାୟତର କ୍ଷୀରପଦା ଅଂଚଳର ସଂଖ୍ୟାଲଘୁ ସମ୍ପ୍ରଦାୟର ମିର କାଦିରଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ବାସଭବନରେ ୩୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆସି ବିଧାୟକ ଶ୍ରୀ ପଣ୍ଡାଙ୍କୁ ସାକ୍ଷାତ କରି ଦୀର୍ଘ ଦିନ ଧରି ଯେଉଁ ଦଳରେ ଥିଲେ କୌଣସି ମୌଳିକ ସୁବିଧା ପାଇ ନ ଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ବିଧାୟକ ସମସ୍ତ ସୁବିଧା ଯୋଗାଇ ଦେବାର ପ୍ରତିଶୃତି ଦେବା ପରେ ସେମାନେ ବିଜେପି ଦଳରେ ସାମିଲ ହୋଇଥିଲେ । ବିଧାୟକ ଶ୍ରୀ ପଣ୍ଡା ଓ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଡ଼. ଅଣୁମାଧବ ପଣ୍ଡା ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ, ମିଠା ଖୁଆଇ ଦଳରେ ସାମିଲ କରିଥିଲେ । ଏହି ଅବସରରେ ବିଜେପି ଜିଲ୍ଲା ନାରୀ ନେତ୍ରୀ ଭାରତୀ ମଲ୍ଲିକ, ଜିଲ୍ଲା ପରିଷଦ ମାନସ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ହେମେନ୍ଦ୍ର ସେନା ତରଫରୁ ରକ୍ତଦାନ ଶିବିର



ନୟାଗଡ଼(ନିପ୍ର): ସ୍ୱର୍ଗତ କୁମାର ସାହେବ ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ଶ୍ରାଦ୍ଧବାର୍ଷିକୀ ଓ ଗୁରୁଦିବସ ଅବସରରେ ୪୧ ୟୁନିଟ୍ ରକ୍ତ ସଂଗ୍ରହ ରାଜବାଟୀ, ନୟାଗଡ଼ ଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇ ୪୧ ୟୁନିଟ୍ ରକ୍ତ ସଂଗ୍ରହହୋଇଥିଲା । ସଂଗଠନର ସଭାପତି ଦିବ୍ୟ ରଞ୍ଜନ ସାହୁ, ସାଧାରଣ ସମ୍ପାଦକ ମଲ୍ଲିକ ମହମ୍ମଦ ମୁବାସିର, ସଂଯୋଜକ ଅନିଲ କୁମାର ସାହୁ, ଉପଦେଷ୍ଟା ନାସିର ଅହମ୍ମଦ, ମାଧବ ସାହୁ, ରାଜକିଶୋର ପୃଷ୍ଟି, ରଞ୍ଜନ ରଶ୍ମି ଜେନାଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କ ଉପସ୍ଥିତିରେ ରାଣୀ ମା ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଦୁଷ୍ମନ୍ତ ସ୍ୱାଇଁ, ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ରାଜକୁମାର ଅରଣ୍ୟରାଜ କିଶୋର ସିଂ ଓ ରାଜକୁମାରୀ ଦକ୍ଷିଣୀ ମଞ୍ଜରୀ ସିଂଙ୍କ ଦ୍ୱାରା ରକ୍ତଦାନ ଶିବିରର ଉଦ୍‌ଘାଟନ କରାଯାଇଥିଲା । ଏହି ଅବସରରେ ପୁରୁଣା ରାଜବାଟୀସ୍ଥିତ ସ୍ୱର୍ଗତ ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅତିଥିମାନେ ଯୋଗଦେଇ ସ୍ୱର୍ଗତ ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ମହାନ ବ୍ୟକ୍ତିତ୍ୱ, ସମାଜ ପ୍ରତି ତାଙ୍କ ଅବଦାନ ଓ ନୟାଗଡ଼ବାସୀଙ୍କ ସହ ତାଙ୍କର ଆତ୍ମୀୟ ସମ୍ପର୍କ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଏହି ମହତ୍ କାର୍ଯ୍ୟକ୍ରମରେ ସହଯୋଗ ଓ ଅଂଶଗ୍ରହଣ କରିଥିବା ସମସ୍ତ ରକ୍ତଦାତା, ମେଡିକାଲ ଟିମ୍, ସାମ୍ବାଦିକ ବନ୍ଧୁ, ବୁଦ୍ଧିଜୀବୀ, ଶୁଭେଚ୍ଛୁ ତଥା ନୟାଗଡ଼ର ସମସ୍ତ ହେମେନ୍ଦ୍ର ପ୍ରେମୀଙ୍କୁ ହେମେନ୍ଦ୍ର ସେନା ପକ୍ଷରୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରାଯାଇଛି ।

# ସଡ଼କ ଦୁର୍ଘଟଣାରେ ୪ ଗୁରୁତର

ଧାମନଗର(ନିପ୍ର): ଧାମନଗର ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଧାମନଗର ଛକ ଓଭରବ୍ରିଜ୍ ? ନିକଟରେ ରବିବାର ସକାଳେ ଏକ ସଡ଼କ ଦୁର୍ଘଟଣା ଘଟି ୪ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୩ ଜଣ କାରରେ ଥିବାବେଳେ ଜଣେ ଅଟୋ ଯାତ୍ରୀ ଥିବା ଜଣାପଡ଼ିଛି । ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ପରେ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି । କାରରେ ଥିବା ଯୁବକ ମାନେ ହେଲେ ଉଦଳା ଥାନା ଅଂଚଳର ଅଭିରାମ ମୁର୍ମୁ, ସିମାର୍ନ ମାରାଣ୍ଡି, ମିର୍ଜା ମୁର୍ମୁ, ଅନ୍ୟପକ୍ଷେ ଅଟୋ ଚାଳକ ନାମ ଜଣାପଡ଼ିନାହିଁ । ସୂଚନାନୁଯାୟୀ, ରବିବାର ସକାଳେ ଭୁବନେଶ୍ୱରରୁ ଉଦଳା ଅଭିମୁଖେ ଯାଉଥିବା ଏକ କାର ଧାମନଗର ଛକ ଓଭରବ୍ରିଜ ନିକଟରେ ହଠାତ ଭାରସାମ୍ୟ ହରାଇଥିଲା । ଫଳରେ କାର ସାମ୍ନାରେ ଯାଉଥିବା ଏକ ଅଟୋକୁ ପାର୍ଶ୍ୱ ସାଇଡକୁ ଧକ୍କା ଦେଇଥିଲା । ଏହାପରେ କାରଟି ନିୟନ୍ତ୍ରଣ ହରାଇ ରାସ୍ତା ମଝିରେ ଥିବା ଡିଭାଇଡର ସମେତ ଏକ ଷ୍ଟ୍ରିଟ୍ ଲାଇଟ୍ ଖୁଂଟରେ ଧକ୍କା ହୋଇ ମେଂଚା ହୋଇଯାଇଥିଲା । ଦୁର୍ଘଟଣା ପରେ କାର ଭିତରେ ରକ୍ତାକ୍ତ ଅବସ୍ଥାରେ ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରିବା ପାଇଁ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚିଥିଲା । ଗ୍ୟାସ୍ କଟର ସହାୟତାରେ କାରକୁ କାଟି ଫସିଥିବା ଲୋକଙ୍କୁ ବାହାର କରାଯାଇଥିଲା । ଦୁର୍ଘଟଣା ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା । ଖବର ପାଇ ଧାମନଗର ପୁଲିସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣାଗ୍ରସ୍ତ କାର ଓ ଅଟୋକୁ ରାସ୍ତାରୁ ହଟାଇ ଥାନାକୁ ନେଇଥିଲା । ଏନେଇ ପୁଲିସ ତଦନ୍ତ ଆରମ୍ଭ କରିଛି । କାରଟି କେଉଁ କାରଣରୁ ହଠାତ୍ ଭାରସାମ୍ୟ ହରାଇଲା, ତାହା ସ୍ପଷ୍ଟ ହୋଇନଥିବାବେଳେ ଦୁର୍ଘଟଣାର ପ୍ରକୃତ କାରଣ ନେଇ ପୁଲିସ ତଦନ୍ତ ଜାରି ରଖିଛି ।

## ଏନ ଏସି ଅଫିସ ଆଗରେ ଧାରଣା

ଧାମନଗର(ନିପ୍ର): ଭୋଟର ତାଲିକାରୁ ଯୋଗ୍ୟ ନାଗରିକଙ୍କ ନାମ କାଟିବା ପାଇଁ ଜାଲିଆତି ଓ ଟଂଚକତା କରାଯାଉଥିବା ନେଇ ଧାମନଗର ନଗର ବିଜୁ ଜନତା ଦଳ ଗୁରୁତର ଅଭିଯୋଗ ଆଣିଛି । ଫର୍ମ - ୭ ର ଦୁରୁପଯୋଗ କରି ବି ଏଲ ଓ ମାନଙ୍କ ଠାରୁ ଓଟିପି ନେଇ ଭୋଟର ତାଲିକାରେ କାରସାଦି କରାଯାଉଥିବା ଅଭିଯୋଗ କରି ଏହାର ତଦନ୍ତ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଦଳ । ଅଭିଯୋଗ ଅନୁଯାୟୀ, ଜାଲିଆତି ଓ ଟଂଚକତା ମାଧମରେ ଭୋଟର ତାଲିକାରୁ ଯୋଗ୍ୟ ନାଗରିକଙ୍କ ନାମ ବାଦ ଦେବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା ଦଳ ଅଭିଯୋଗ କରିଛି ।


**AFFIDAVIT**

By virtue of an affidavit sworn before Executive Magistrate, Balasore dated 09.06.2026 I, Sanjay Kumar Barik, S/o- Banchhanidhi Barik, resident of At/Po- Chakajagannathpur, Ps- Khantapada, Dist- Balasore, Pin - 756043 declare that I have changed my minor son's name from Bhabesh Ku Barik to Bhabeswar Barik. Henceforth, he shall be known as Bhabeswar Barik for all purposes.

**Sd/-**
**Sanjay Kumar Barik**



**GOVERNMENT OF ODISHA** No. 25001/1086/2627
**OFFICE OF THE SUPERINTENDING ENGINEER**
**RURAL WORKS DIVISION, UDALA**
e_mail =rw_udala@yahoo.com
**e_Procurement Tender Call Notice No. Online 05/RWD/UDALA/2026-27**

1. Name of the work : Building works
2. Total No.of works : 31Nos.
3. Estimated Cost : Approx Estimated Cost Rs.4.20 to Rs.32.63 Lakhs
4. Class of Contractor : 'D','C'& 'B'
5. EMD : EMD @ 1% of Estimated Cost Put to tender
6. Period of completion : As per Annexure
7. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of tender in the office of the Superintending Engineer, R.W. Division, Udala |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W Division, Udala | 05 (Online) /RWD-UDALA of 2025-26 | 07.09.26 at 11.00 A.M. | 17.09.26 up to 5.00 P.M. | 17.09.26 up to 3.00 P.M. | 17.09.26 up to 5.30 P.M. |

Further details can be seen from the website www.tendersorissa.gov.in

Sd/-
Superintending Engineer
R.W. Division, Udala

OIPR. 25001/25199/1/26-27/0005





ଅନ୍ୟର ସାହାଯ୍ୟ ନଲୋଡ଼ି ମଧ ଯିଏ ନିଜ ଶକ୍ତିର ପୂର୍ଣ୍ଣ ଉପଯୋଗ କରେ ସେ ପ୍ରକୃତ ସଫଳତା ଲାଭ କରେ ।

# ଆଜିକାଲି



ଶ୍ୱଶୁରାନ୍ ସୁହୃଦଶ୍ଚୈବ ସେନୟୋରୁଭୟୋରପି । ତାନ୍ ସମୀକ୍ଷ୍ୟ ସ କୌନ୍ତେୟଃ ସର୍ବାନ୍ ବନ୍ଧୂନବସ୍ଥିତାନ୍
(ଶ୍ରୀମଦ୍ଭଗବଦ୍ ଗୀତା)
ଭାବାର୍ଥ : ତାପରେ ଉପସ୍ଥିତ ଶ୍ୱଶୁର ଓ ଶୁଭେଚ୍ଛୁମାନଙ୍କୁ ଉଭୟ ସୈନ୍ୟ ମଧ୍ୟରେ ଦେଖିଲେ। ଏହା ଦେଖି କୁନ୍ତୀପୁତ୍ରଙ୍କ ଅତ୍ୟନ୍ତ ବିଷର୍ଣ୍ଣ ହେଲେ।

## ପ୍ଲାଷ୍ଟିକ ଏବେ ଅଭିଶାପ

ପ୍ଲାଷ୍ଟିକ ପ୍ରଦୂଷଣ ନିୟନ୍ତ୍ରଣ ବା ନିଷିଦ୍ଧ ନେଇ ବିଶ୍ୱ ଏବେ ଦୁଇ ଭାଗ । ବଡ ବଡ ଉତ୍ପାଦନକାରୀ ରାଷ୍ଟ୍ର ଜୀବନଜୀବିକା, ରାଜସ୍ୱ ହରାଇବା ଆଶଙ୍କାରେ ଏହାକୁ ବିରୋଧ କରୁଥିବା ବେଳେ ସମଗ୍ର ବିଶ୍ୱରେ କ୍ୟାରୀ ବ୍ୟାଗ ଠାରୁ ଆରମ୍ଭ କରି ଘରକରଣା, ଯାନବାହାନ ଆଦି ନିର୍ମାଣ କ୍ଷେତ୍ରରେ ଏହାର ବ୍ୟବହାର ଏତେ ମାତ୍ରାରେ ବଢିଯାଇଛି ଯେ, ଏହାକୁ ନିଷିଦ୍ଧ କରିବାକୁ ସାହାସ ଜୁଟାଇ ପାରୁନଥିବା କୁହାଯାଏ । ଉଲ୍ଲେଖଯୋଗ୍ୟ ଯେ, ବାର୍ଷିକ ୪୩୬ ମିଲିଅନ ଟନ ପ୍ଲାଷ୍ଟିକ ଉତ୍ପାଦିତ ହେଉଛି । ସେଥିରୁ ୫.୭ କୋଟି ଟନ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି । ଏହି ଉତ୍ପାଦିତ ପ୍ଲାଷ୍ଟିକ ମଧ୍ୟରୁ ଅଧାରୁ ଅଧିକରୁ ଏକକ ବ୍ୟବହାର ସାମଗ୍ରୀ ତିଆରି ହୋଇଥାଏ । ଏହା ଏବେ ପ୍ରଦୂଷଣର କାରଣ ପାଲଟିଛି । ମିଳିଥିବା ସୂଚନା ଅନୁଯାୟୀ ପରିତ୍ୟକ୍ତ ପ୍ଲାଷ୍ଟିକର ୪୯ ପ୍ରତିଶତ ଖାଲଖମା ପୋତିବାରେ ବ୍ୟବହୃତ ହେଉଥିବା ବେଳେ ମାତ୍ର ୨୨ପ୍ରତିଶତ ଆବର୍ଜନାର ଉପଯୁକ୍ତ ରିସାଇକ୍ଲିଂ ହୋଇଥାଏ । ୧୯ ପ୍ରତିଶତ ପ୍ଲାଷ୍ଟିକକୁ ରସାୟନିକ ଉପାୟରେ ନଷ୍ଟ କରି ଦିଆଯାଉଥିବାବେଳେ ବାର୍ଷିକ ପ୍ରାୟ ୫୦ହଜାର କୋଟି ପଲିଥିନ ମୁଣା ପ୍ଲାଷ୍ଟିକ କୌଣସି ନା କୌଣସି ଉପାୟରେ ସମୁଦ୍ରକୁ ଯାଇଥାଏ । ଏହା ବର୍ଷ ବର୍ଷ ଧରି ସମୁଦ୍ରରେ ପଡି ରହିଥାଏ । ମାଟି ବା ଜଳ ହେଉ ପ୍ଲାଷ୍ଟିକ ଖଣ୍ଡିଏ ମିଳାଇବା ପାଇଁ ୨୦୦ରୁ ୧୦୦୦ବର୍ଷ ନେଇଥାଏ । ପରିଣାମସ୍ୱରୂପ ସମୁଦ୍ରରେ ବାର୍ଷିକ କୋଟି କୋଟି ସାମୁଦ୍ରିକ ପକ୍ଷୀ ଏବଂ କୋଟି କୋଟି ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀଙ୍କ ମୃତ୍ୟୁ ଘଟିଥାଏ । କୁହାଯାଇଛି ଯେ, ବ୍ରହ୍ମାଣ୍ଡରେ ଯେତିକି ଗ୍ରହ, ନକ୍ଷତ୍ର, ତାରାପୁଞ୍ଜ ଅଛନ୍ତି, ତା ଠାରୁ ୫୦ଗୁଣ ଅଧିକ ପ୍ଲାଷ୍ଟିକ ଏବେ ସମୁଦ୍ର ନଦୀ, ନାଳରେ ପଡି ରହିଛି । ଆମ ଦେଶରେ ବାର୍ଷିକ ଯେତିକି ପ୍ଲାଷ୍ଟିକ ଉତ୍ପାଦିତ ହେଉଛି, ସେଥିରୁ କେବଳ ୩.୪ ମିଲିଅନ ଟନ ବର୍ଜ୍ୟ ବାହାରୁଛି । ଏଥିମଧ୍ୟରୁ ପ୍ରାୟ ୩୦ପ୍ରତିଶତ ରିସାଇକ୍ଲିଂ ହେଉଥିବାବେଳେ ଅବଶିଷ୍ଟ ମାଟି ଓ ଜଳରେ ମିଶୁଛି । ଉଲ୍ଲେଖଯୋଗ୍ୟ ଯେ, ସରକାରୀ କଟକଣା ସତ୍ତ୍ୱେ ଦେଶରେ ପ୍ଲାଷ୍ଟିକ ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି । ଏକ ରିପୋର୍ଟରୁ ଜଣାଯାଇଛି ଯେ, ୨୦୧୬-୧୭ରେ ଦେଶରେ ୧୪ମିଲିଅନ ଟନ ପ୍ଲାଷ୍ଟିକ ବ୍ୟବହୃତ ହୋଇଥିବା ବେଳେ ୨୦୧୯-୨୦ରେ ତାହା ୨୦ମିଲିଅନ ଟନକୁ ବୃଦ୍ଧି ପାଇଥିଲା । ଅର୍ଥାତ ମାତ୍ର ୩ବର୍ଷ ମଧ୍ୟରେ ୯.୭ ପ୍ରତିଶତ ପ୍ଲାଷ୍ଟିକ ବ୍ୟବହାର ବୃଦ୍ଧି ପାଇଛି । ସୂଚିତ କରାଯାଇପାରେ ଯେ, ୨୦୧୯ରେ ପ୍ଲାଷ୍ଟିକ ଯୋଗୁଁ ୧୮ ବିଲିଅନ ଟନ ସବୁଜ ଗୃହ ଗ୍ୟାସ ଉତ୍ପାଦିତ ହୋଇଥିଲା । କେବଳ ଏତିକି ନୁହେଁ, ମଣିଷ ଶରୀରରେ ପ୍ଲାଷ୍ଟିକ କଣିକା ଯୋଗୁଁ ବିଭିନ୍ନ ରୋଗରେ ଆକ୍ରାନ୍ତର ମୁଖ୍ୟ କାରଣ ପାଲଟିଛି । ଆହୁରି ମଧ୍ୟ ସ୍ୱାସ୍ଥ୍ୟ ବିଜ୍ଞାନୀଙ୍କ ମତରେ ପ୍ଲାଷ୍ଟିକ ଯୋଗୁଁ ମଣିଷ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଧୀରେ ଧୀରେ ହ୍ରାସ ପାଉଛି । ସେହିପରି ପରିବେଶ ବିଗିଡିବା ଯୋଗୁଁ ଋତୁଚକ୍ରରେ ଅନିୟମିତତା ଦେଖା ଦେବା ସହ ବନ୍ୟା, ବାତ୍ୟା, ଗ୍ରୀଷ୍ମ ପ୍ରବାହ ପରି ପ୍ରାକୃତିକ ବିପର୍ଯ୍ୟୟର କାରଣ ହୋଇଛି । କହିବା ବାହୁଲ୍ୟ ଯେ, ପ୍ଲାଷ୍ଟିକ ତଥା ପଲିଥିନ ବ୍ୟାଗ ନିଷିଦ୍ଧ ପାଇଁ ସ୍ୱତନ୍ତ୍ର ଆଇନ ରହିଛି । ବାରମ୍ବାର ଚଢାଉ ହେଉଛି । କିନ୍ତୁ ବ୍ୟବହାର କମୁନାହିଁ । ଏହା ସତ୍ୟ ଯେ, ଉତ୍ପାଦନ ନକମିଲେ ଏହା ବ୍ୟବହାର କମିବ ନାହିଁ । ପ୍ଲାଷ୍ଟିକ ଉତ୍ପାଦନକାରୀ ଶିଳ୍ପଗୁଡିକ କୋଟି କୋଟି ଲୋକଙ୍କୁ ନିଯୁକ୍ତି ଦେଉଥିବାବେଳେ ଏହାର ଲୋକପ୍ରିୟତା ବଢୁଥିବାରୁ ଉତ୍ପାଦନ ନିଷିଦ୍ଧ ଆଦୌ ସମ୍ଭବ ନୁହେଁ । କିନ୍ତୁ ଏହା ନିଶ୍ଚିତ ଯେ, ପ୍ଲାଷ୍ଟିକର ଅପକାରିତା ବା ବିପଦ ସମ୍ପର୍କରେ ସରକାର, ଜନସାଧାରଣ ସଚେତନ ନହେଲେ ଭବିଷ୍ୟତରେ ଏହା କେବଳ ମାନବ ସମାଜ ନୁହେଁ, ସମଗ୍ର ପ୍ରାଣୀ ଜଗତ ପାଇଁ ଧ୍ୱଂସର ତାଣ୍ଡବ ସୃଷ୍ଟି କରିବ ।

## ଆରକ୍ଷଣ - ୩
# ସାମାଜିକ, ଆର୍ଥିକ ଓ ରାଜନୈତିକ ପରିସ୍ଥିତି



◆ ପଙ୍କଜ କୁମାର ପାଣିଗ୍ରାହୀ

**ଶିକ୍ଷା ଓ ଆର୍ଥିକ ସ୍ଥିତି ସହିତ ସାମାଜିକ ବୈଷମ୍ୟତାର ସଂପର୍କ :** ଗଭୀର ଶିକ୍ଷା ଓ ଅସୀମ ଆର୍ଥିକ ସମ୍ଭାର ମଧ୍ୟରେ ରହିଥିବା ଜଣେ ଆଦିବାସୀ ପରିବାର ସହିତ- କୌଣସି ଦଳିତ ପରିବାର, ପାରିବାରିକ ସଂପର୍କ ସ୍ଥାପନ କରିବା ପାଇଁ ସ୍ୱଇଚ୍ଛାରେ ଗ୍ରହଣ କରିପାରିବେ କି ? ସେମିତି ଦଳିତ ପରିବାର ସହିତ ଅନ୍ୟାନ୍ୟ ପଛୁଆ ବର୍ଗର ପାରିବାରିକ ସମ୍ବନ୍ଧ ସମ୍ଭବ ହେବ କି ? ଏହା ଅନୁସନ୍ଧାନ ସାପେକ୍ଷ ! ଆମ ଅନୁମାନରେ ଏହା ଆଦୌ ସମ୍ଭବ ନୁହେଁ ! ୮୦ ବର୍ଷର ଆରକ୍ଷଣ ପାଇବା ପରେ ଏକବିଂଶ ଶତାବ୍ଦୀରେ ଯଦି ସେମାନଙ୍କ ମଧ୍ୟରେ ମାନସିକତାରେ କୌଣସି ପରିବର୍ତ୍ତନ ହେଉନାହିଁ ତାହେଲେ ସବର୍ଣ୍ଣ ସହିତ ସେମାନଙ୍କ ପାରିବାରିକ ସଂପର୍କ ଯୋଡିବା ବିଷୟ ଭାବନା ବହିର୍ଭୁତ ରହିବା କଥା ! ଠିକ ସେହିଭଳି ପଛୁଆ ବର୍ଗର ସବୁ ଗୋଷ୍ଠୀ ମଧ୍ୟରେ ପାରିବାରିକ ସଂର୍ପକ ସ୍ଥାପନ ହେଉନଥିବା ମଧ୍ୟ କୌଣସି ଅଲୌକିକ ଆଶ୍ଚର୍ଯ୍ୟ ବିଷୟ ନୁହେଁ ଯାହା ଆମେ ସମସ୍ତେ ଦେଖୁଛେ, ଜାଣିଛେ ! ଭିନ୍ନ ସ୍ୱରର ମତଦାତାଙ୍କୁ ଏହା ପଚାରିବା ଆବଶ୍ୟକ ଯେ ସେମାନେ ଏହା ସମ୍ଭବ କରି ଦେଖାଇ ପାରିବେ କି ? ଏହା ପଛର ରହସ୍ୟ- କେବଳ ଭିନ୍ନ ଭିନ୍ନ ଗୋଷ୍ଠିଗତ ସାମାଜିକ / ପାରିବାରିକ ସଂସ୍କାର ଜନିତ ସ୍ୱାଭିମାନ କାରଣରୁ । ଏଠାରେ ସଦ୍ୟ ପ୍ରମାଣିତ ହୁଏ ଯେ କେତେ ଶିକ୍ଷାଗତ ଯୋଗ୍ୟତା ହେଉ କି ଆର୍ଥିକ ସ୍ୱଚ୍ଛଳାବସ୍ଥା ରହିଥିଲେ ମଧ୍ୟ ସମଭାବାପନ୍ନ ବୈଚାରିକ ସଂସ୍କାରର ତାଳମେଳ ନହେବା ପର୍ଯ୍ୟନ୍ତ ଗୋଷ୍ଠିଗତ ବୈଷମ୍ୟତା ଦୂର ହେବନାହିଁ ।

ଏହି ପରୀକ୍ଷା ଆସନ୍ତା ୫୦୦୦ ବର୍ଷ ପର୍ଯ୍ୟନ୍ତ ବଳବତର ରହିଲେ ମଧ୍ୟ ମାନସିକ ସ୍ତରରେ ପରିବର୍ତ୍ତନ କରିବା ସମ୍ଭବ ହେବନାହିଁ ଯାହା ଏକ ପ୍ରାକୃତିକ ମନସ୍ତତ୍ୱ । ତେଣୁ ଶିକ୍ଷା ଓ ସଂସାଧନ; ସାମାଜିକ ବୈଷମ୍ୟତାର କାରଣ ନୁହେଁ ବୋଲି ସମସ୍ତେ ବୁଝିବାକୁ ହେବ । ଭାରତରେ ସାମାଜିକ ବୈଷମ୍ୟତାର ଏକମାତ୍ର କାରଣ ହେଉଛି ଗୋଷ୍ଠିଗତ ବୈଚାରିକ ସଂସ୍କାର ଯାହା ପ୍ରତ୍ୟେକ ଗୋଷ୍ଠୀର ସ୍ୱତନ୍ତ୍ରତାର ପରିଚୟ ଦିଏ । ଏମିତି କି ତଥା କଥିତ ସବର୍ଣ୍ଣଙ୍କ ମଧ୍ୟରେ ଅନେକ ଗୋଷ୍ଠିଗତ ବୈଷମ୍ୟତା ରହିଛି ଯାହା ସେମାନଙ୍କ ମଧ୍ୟରେ ମଧ୍ୟ ପାରିବାରିକ ସଂର୍ପକକୁ ଅସ୍ୱୀକାର କରିଥାଏ ! ଅର୍ଥାତ ଏଠାରେ ପଛୁଆ-ସବର୍ଣ୍ଣ ମଧ୍ୟରେ କେବଳ ଗୋଷ୍ଠିଗତ ବିଭେଦ ରହିଥବା ନୁହେଁ; ବରଂ ପ୍ରତ୍ୟେକ ସ୍ୱତନ୍ତ୍ର ଗୋଷ୍ଠୀଙ୍କ ମଧ୍ୟରେ ଅନେକ ବିଭେଦତା ଦେଖିବାକୁ ମିଳେ ଯାହା ସବୁ ସମାପ୍ତ ହେବାପାଇଁ ହୁଏତ କେତେଯେ ବର୍ଷ ଲାଗିବ - କିମ୍ବା ହେବ କି ନାହିଁ ମଧ୍ୟ ଆକଳନ କରିବା ସମ୍ଭବ ନୁହେଁ !

**ଉପସ୍ଥିତ ସମୟର ସାମାଜିକ ଆବଶ୍ୟକତା :** ସାମାଜିକ ମାନ୍ୟତା ଓ ଗ୍ରହଣୀୟତା କ୍ଷେତ୍ରରେ ଶିକ୍ଷା କିମ୍ବା ଆର୍ଥିକ ସମୃଦ୍ଧି ଆଦୌ ସହଯୋଗ କରିବ ନାହିଁ; ଯେପର୍ଯ୍ୟନ୍ତ ମଣିଷର ବୌଦ୍ଧିକ ଚେତନା ଜାଗ୍ରତ ହୋଇନାହିଁ । ଅତଏବ ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥା ଯଦି ପଛୁଆ ବର୍ଗଙ୍କୁ କେବଳ ଶିକ୍ଷା ଏବଂ ତା ମାଧ୍ୟମରେ ରୋଜଗାର ଦେବା ଲକ୍ଷ ରଖିଥାଏ ଏବଂ ସାମାଜିକ ଅସମାନତା ଉପରେ କୌଣସି ଆବଶ୍ୟକତା ନଥାଏ ତାହେଲେ ଏହା ରହିବା କୌଣସି ଅଯୌକ୍ତିକ ନୁହେଁ । ଏହିଭଳି ବ୍ୟବସ୍ଥା ମାଧ୍ୟମରେ ୫୦୦୦ ବର୍ଷ ଅପେକ୍ଷା କଲେ ମଧ୍ୟ ସେମାନଙ୍କ ସାମାଜିକ ଭେଦଭାବ ଜନିତ ଅଗ୍ରହଣୀୟତା ସମାପ୍ତ ହେବା ସମ୍ଭାବନା ଦିଶୁନାହିଁ । କାରଣ ପୂର୍ବରୁ ଆମେ ଅନୁଶୀଳନ କରିଛେ ଯେ ସାମାଜିକ ଭେଦଭାବ / ମାନ୍ୟତା; ଶିକ୍ଷା ଆଉ ରୋଜଗାର ନୁହେଁ ବରଂ ବୌଦ୍ଧିକ ଚେତନାରେ ସଂସ୍କାର ଜନିତ ହେଉଥିବା ପରିଦୃଷ୍ଟିତ । ବର୍ତ୍ତମାନ କଥା ଆସିଲା ଯେ ଆମେ ସେମାନଙ୍କ ସାମାଜିକ ଭେଦଭାବ ସମାପ୍ତ କରି / ମାନ୍ୟତା ବିକାଶ କରିବା ଲକ୍ଷ ରଖି କାର୍ଯ୍ୟ କରିବା ବିଧେୟ କି ନୁହେଁ । ପୂର୍ବରୁ ଯେଉଁମାନେ ଉପସ୍ଥିତ ବ୍ୟବସ୍ଥା ଉପରେ ଦୃଷ୍ଟିପାତ କରିଥିଲେ ସେମାନଙ୍କ ଏହି ବିଚାର ରହିଥିଲା କି ନାହିଁ ? କେବଳ ଶିକ୍ଷା ଏବଂ ରୋଜଗାର ଦେଇ ସମାଜରେ ଅସମାନତା / ଭେଦଭାବ ରହିବା ଦ୍ୱାରା ରାଷ୍ଟ୍ରୀୟ ବିକାଶରେ ଏକତା ସୃଷ୍ଟି ହେବା ସମ୍ଭାବନାକୁ ସେମାନେ କିପରି ଦେଖିଥିଲେ ? ନା ସବୁ ଜାଣିଶୁଣି କୌଣସି ସ୍ୱାର୍ଥ ଉଦ୍ଦେଶ୍ୟରେ ଏଭଳି ବ୍ୟବସ୍ଥା ଲାଗୁ କରିଥିଲେ ? ଅଥବା ବୌଦ୍ଧିକ ସଂସ୍କାର ଜାଗ୍ରତ କରି ପଛୁଆ ବର୍ଗଙ୍କ ଉତାନ କରିବା ମାର୍ଗ ଦିଶୁନଥିଲା ସେମାନଙ୍କୁ ? କିମ୍ବା ଅନ୍ୟ କୌଣସି ସାମାଜିକ ପ୍ରତିବନ୍ଧକ ରହିଥିଲା ତା ଉପରେ ଆଲୋଚନା କରିବା ପାଇଁ ? ନା ଏହା ଏକ ରାଜନୈତିକ ସ୍ୱାର୍ଥାନ୍ଧ ବ୍ୟବସାୟର ପରିପନ୍ଥୀ ସାଜିଲା ? ଏହା ରାଷ୍ଟ୍ରୀୟ ବିକାଶ ମାଗଦର୍ଶୀ ନା ଏକ ସ୍ୱତନ୍ତ୍ର ଗୋଷ୍ଠିଗତ ସ୍ୱାର୍ଥ ପାଇଁ ଆଧାରିତ ? ଏମିତି ଅସଂଖ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୁଏ ମନରେ ଯେ ଏହି ଆରକ୍ଷଣ ବ୍ୟବସ୍ଥା ପ୍ରକୃତରେ ସର୍ବସାଧାରଣଙ୍କ ଓ ରାଷ୍ଟ୍ରୀୟ ବିକାଶର ବାର୍ତାବହ ନା ସେମାନଙ୍କ ଅବନତିର ପନ୍ଥା ? ଏସବୁର ଉତର ନପାଇବା ପର୍ଯ୍ୟନ୍ତ ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥା ଉପରେ ଆଲୋଚନା କରିବା ସଂପୂର୍ଣ୍ଣ ବ୍ୟର୍ଥ ହୋଇ ପାରେ ବୋଲି ଆମ ବିଚାର । ବୌଦ୍ଧିକ ବିକାଶର ମାଧ୍ୟମ କଣ ଏବଂ ତହିଁରୁ ପଛୁଆ ବର୍ଗ କେମିତି ଓ କାହିଁକି ବିରତ ରହିଛନ୍ତି- ଅଧିକନ୍ତୁ କଣ କରାଗଲେ ସେମାନେ ସମାନ୍ତରାଳ ହୋଇ ପାରିବେ ? ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥା ତାପାଇଁ କେତେଦୂର ଉପଯୁକ୍ତ; ନା ଅନ୍ୟ କୌଣସି ଉପାୟରେ ତାହା ସମ୍ଭବ ବିଚାର କରାଯିବା ଆବଶ୍ୟକ ।

**ଗୋଷ୍ଠୀଗତ ସ୍ୱାର୍ଥ ଉଦ୍ଦେଶ୍ୟରେ ବ୍ୟବହାର :** ଆମ ଦେଶର ସାମ୍ବିଧାନିକ ମାଧୁର୍ଯ୍ୟତା କାରଣରୁ ପ୍ରାରମ୍ଭରୁ ଏପର୍ଯ୍ୟନ୍ତ କେତେଯେ ମହାନ ବ୍ୟକ୍ତିତ୍ୱ ଅଦ୍ୟାବଧି ଆଶାତୀତ ପ୍ରଗତିର ପ୍ରଳୟ ସୃଷ୍ଟି କରି ଆସୁଛନ୍ତି - ତା ଉପରେ କୌଣସି ମନ୍ତବ୍ୟ ଦେବା ଆବଶ୍ୟକ ନାହିଁ ବରଂ ସମସ୍ତେ ଭୁକ୍ତଭୋଗୀ ! ଉପର ଚର୍ଚ୍ଚିତ ବିଷୟ ଗୁଡିକୁ ସାମାନ୍ୟ ନିରବ ଅନୁଧ୍ୟାନ କରି ବିଶ୍ଳେଷଣ କଲେ ବୁଝି ହେଉଛି ଯେ ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥାର ରୂପରେଖ କେବଳ ଏକ ପ୍ରୟୋଗାତ୍ମକ ନମୁନା ଭାବେ ଯୋଜନା ପ୍ରସ୍ତାବିତ କରାଯାଇ ଥିଲା । ତାପରେ ତା'ର ଫଳାଫଳକୁ ସୂକ୍ଷ୍ମଭାବେ ଯାଂଚ କରି ଆଗକୁ ବଢିବା ଲକ୍ଷ ରଖାଯାଇଥିଲା । ସମୟର ଧାରାରେ ପ୍ରୟୋଗକାରୀ ତ ସଂସାର ପରିତ୍ୟାଗ କଲେ- ହେଲେ ଯୋଜନାର ସମୟ ଅବଧି ଅନ୍ତେ ତାହାର ଫଳାଫଳ ଉପରେ କୌଣସି ବିଶ୍ଳେଷଣାତ୍ମକ ଯାଂଚ ନକରି; ଆଗନ୍ତୁକ ଏହି କାର୍ଯ୍ୟର ବିନିଯୋଗ ହୁଏତ ଦଳୀୟ ସ୍ୱାର୍ଥକୁ ଆଧାର କରି ତା'ର ସମୟ ସୀମା ବୃଦ୍ଧି କରିବାରେ ଲାଗିଲେ ! ବର୍ତ୍ତମାନ ସୁଦ୍ଧା ଏହି ଯୋଜନାର ଶେଷ ସଫଳତା ଉପରେ କୌଣସି ଶ୍ୱେତପତ୍ର ଜାରି କରାଯାଇ ନାହିଁ ! ଏହା ସାମାଜିକ ଅବଶ୍ୟକତାର ମୂଳ ଆଧାରକୁ ସଂପୂର୍ଣ୍ଣ କରୁଛି କି ନାହିଁ ତାର ବିଶ୍ଳେଷଣାତ୍ମକ ଆଲୋଚନା ହୋଇନାହିଁ ! ପୁନର୍ବାର -ସମୟ ଅବଧି ସହିତ ଅନେକ ଆଇନ କାନୁନ ଯୋଡି ଯୋଜନାର ଭିତି ଭୂମିକୁ ସୁଦୃଢ଼ କରାଯିବାରେ କାହାର ସ୍ୱାର୍ଥ ସାଧନ ହେଉଛି ଦେଖିବା ଜରୁରୀ ?! ଏହାଦ୍ୱାରା ସମାଜରେ ଜାତିଗତ / ଗୋଷ୍ଠିଗତ ବୈଷମ୍ୟତା ଦୂର ହେଉଛି / ହେବ କି ? ସଂପୂର୍ଣ୍ଣ ଅସମ୍ଭବ ଆମେ ଯାହାର ବିଶ୍ଳେଷଣାତ୍ମକ ଅନୁଶୀଳନ କରି ଦେଖିଛେ ପୂର୍ବରୁ ! ଏହାଦ୍ୱାରା ସମଗ୍ର ପଛୁଆ ବର୍ଗ ସମୂହଙ୍କ ସାମାଜିକ / ଆର୍ଥିକ / ବୌଦ୍ଧିକ ବିକାଶ ହୋଇଛି / ହେଉଛି କି ? ଏହାଦ୍ୱାରା ରାଷ୍ଟ୍ରୀୟ ବିକାଶରେ ସହଯୋଗ ମିଳିଛି / ମିଳୁଛି କି ? ପରୀକ୍ଷା କରି ଦେଖାଯିବା ଆବଶ୍ୟକ । ଯଦି ଏସବୁ ପ୍ରଶ୍ନର ଉତରରେ ଯୁକ୍ତାତ୍ମକ / ଯୌକ୍ତିକ ଉତର ମିଳିବ ତାହେଲେ ଏହି ଯୋଜନାକୁ ବଳବତର ରଖାଯିବା ବିଧେୟ । ଯଦି ନାହିଁ ତାହେଲେ ରାଷ୍ଟ୍ରୀୟ ମର୍ଯ୍ୟାଦା ଓ ବିକାଶ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରି ଏହାର ସଂଶୋଧନାତ୍ମକ ପରିବର୍ତ୍ତନ କରାଯିବା ଏକାନ୍ତ ଆବଶ୍ୟକ ।

**ସିଦ୍ଧାନ୍ତ:** ରାଜନୈତିକ ସ୍ୱାର୍ଥ ଦୃଷ୍ଟିକୋଣରେ ରଖି ଏହି ଯୋଜନା ଉପରେ ଦିଆଯାଉଥିବା କାହାର କୌଣସି ପ୍ରକାର ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ । ଏହି ସବୁ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ପରେ ରାଜନୈତିକ ଇଚ୍ଛାଶକ୍ତି ଉପରେ ନିର୍ଭର ନକରି ଦେଶର ସାମ୍ବିଧାନିକ ଆଇନ ମାଧ୍ୟମରେ ସଂଶୋଧନ କରାଯିବା ଆବଶ୍ୟକ । ଏଥିରେ ସବୁ ବର୍ଣ୍ଣର ଲୋକଙ୍କୁ ଆହ୍ୱାନ କରି ସଂଶ୍ଳିଷ୍ଟ କରାଯିବା ଆବଶ୍ୟକ । ଏହା କୌଣସି ଗୋଟିଏ କିମ୍ବା କେତେକ ଗୋଷ୍ଠୀଙ୍କୁ ପ୍ରଭାବିତ ନକରି ସମଗ୍ର ଦେଶବାସୀଙ୍କୁ ପ୍ରଭାବିତ କରୁଥିବା ବିଶେଷ ବିଶ୍ଳେଷଣାତ୍ମକ ମନ୍ତବ୍ୟ ପ୍ରଦାନ କରାଯିବା ଗୁରୁତ୍ୱପୂର୍ଣ୍ଣ । ରାଜନୈତିକ ସ୍ୱାର୍ଥାନ୍ଧ ସାଧାରଣ ନିର୍ବୋଧଙ୍କୁ ଅଯୌକ୍ତିକ / ବିପରୀତମୁଖୀ ଚେତନା ପ୍ରଦାନ ପୂର୍ବକ ମାନସିକ ଅସନ୍ତୁଳନ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି ! ସାଧାରଣ ନିର୍ବୋଧ ସେମାନଙ୍କ ସ୍ୱାର୍ଥାନ୍ଧ ମୁଖା ଆଢୁଆଳର ଅସଲ ଚେହେରା ଦେଖିବାରେ ଅସମର୍ଥ ରହି ; ସେମାନଙ୍କ ଷଡ଼ଯାନ୍ତ୍ରୀକ ଭାଷଣରେ ଉତକ୍ଷିପ୍ତ ହେଉଥିବା ଦେଖିବାକୁ ମିଳୁଛି ! ସମଗ୍ର ଦେଶବାସୀଙ୍କ ସ୍ୱାର୍ଥରେ ଗୋଷ୍ଠିଗତ ସ୍ୱାର୍ଥ ଜନିତ ଲାଭାଂଶ ଅଧିଗ୍ରହଣ କରାଯାଉଥିବା ବିଷୟର ପର୍ଦାଫାଶ କରାଯିବା ଅତ୍ୟନ୍ତ ଜରୁରୀ । ଏଠାରେ ଏକ ସାମାନ୍ୟ ଉଦାହରଣ ନେଇ ବୁଝିବାକୁ ହେବ ଯେ ଯଦି ଆରକ୍ଷଣ ମାଧ୍ୟମରେ ନିମ୍ନ ସ୍ତରର ଜଣେ ଛାତ୍ରକୁ କୌଣସି ସାର୍ବଜନୀନ କ୍ଷେତ୍ରରେ ନିୟୋଜିତ କରାଯିବ-- ତାହେଲେ ସେହି ବ୍ୟକ୍ତିର ବ୍ୟକ୍ତିଗତ ପାରିବାରିକ ସମସ୍ୟା ଦୂର ହୋଇଯାଇ ପାରେ ! କିନ୍ତୁ ତାର କାର୍ଯ୍ୟକ୍ଷମତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ଦ୍ୱାରା; ତା ନିଜ ପରିବାର, ସଂପ୍ରଦାୟ ସହିତ ସର୍ବସାଧାରଣଙ୍କ କ୍ଷତି ହେବା ସହିତ ରାଷ୍ଟ୍ରୀୟ ପ୍ରଗତିରେ ବାଧକ ହେବ ଯାହା ହୁଏତ ଆମ ଦେଶକୁ ପଶ୍ଚାତ୍ପଦ କରିବ ! ତେଣୁ ସାର୍ବଜନୀନ କ୍ଷେତ୍ରରେ ଉପଯୁକ୍ତ କ୍ଷମତା ଆଧାରରେ ନିୟୋଜନ ବ୍ୟବସ୍ଥା ଗୋଟିଏ ରାଷ୍ଟ୍ର ଗଠନର ମୂଳଦୁଆ ହୋଇଥାଏ । ଆରକ୍ଷିତ ଆସନ ତାର ବିପରୀତରେ କାର୍ଯ୍ୟ କରିଥାଏ ଯାହା ସର୍ବସାଧାରଣଙ୍କ କ୍ଷତିର କାରଣ ହେବା ସହିତ ରାଷ୍ଟ୍ରୀୟ ବିକାଶକୁ ବାଧିତ କରିଥାଏ । ସେମିତି ହେଉଛି ମଧ୍ୟ ଯାହା ସବୁ ଆମେ ସମସ୍ତେ ଦେଖି ଆସୁଅଛେ ।

**ପରାମର୍ଶ :** ସୁଚିନ୍ତିତ ମାନବିକ ବିଚାର ମଧ୍ୟରେ ଉପରୋକ୍ତ ସମସ୍ତ ବିଷୟ ଗୁଡିକୁ ଅନୁଧ୍ୟାନ କରି ଦେଖିଲେ ଜାଣି ହେଉଛି ଯେ; ଆରମ୍ଭରୁ ଅଦ୍ୟାବଧି- ରାଷ୍ଟ୍ରୀୟ ନାଗରିକ ସମୂହଙ୍କୁ ଏକାକାର ନକରି ବିଭାଜିତ କରାଯାଇ ଆସୁଅଛି । ଏହା କୌଣସି ଗୋଷ୍ଠୀ / ସମୂହ ଦ୍ୱାରା ହେଉ, କିମ୍ବା ରାଜନୈତକ ଦଳୀୟ ସ୍ୱାର୍ଥ କାରଣରୁ- କୌଣସିମତେ ଗ୍ରହଣୀୟ ନୁହେଁ । ଆଜି ଏକବିଂଶ ଶତାବ୍ଦୀରେ ପୃଥିବୀର ସର୍ବ ପ୍ରଥମ ସଭ୍ୟତାର ଧ୍ୱଂସାଭିମୁଖୀ ପରିସ୍ଥିତିକୁ ଗ୍ରହଣ କରାଯିବା ଆଦୌ ସ୍ପୃହଣୀୟ ନୁହେଁ ! ଏକ ସାମାନ୍ୟ ଗୋଷ୍ଠୀ ଦେଶର ସମଗ୍ର ସଂସାଧନକୁ ବ୍ୟବହାର / ଉପଭୋଗ କରୁଥିବା ବେଳେ ପ୍ରାୟତଃ ୮୦ ପ୍ରତିଶତ ଲୋକ ଅତ୍ୟନ୍ତ ଦୁଃଖ ଦୁର୍ଦ୍ଦଶା ଜନିତ ଅଭାବନୀୟ ପରିସ୍ଥିତିରେ ବଂଚୁଥିବା ସମସ୍ତେ ଜାଣୁଛନ୍ତି । ତେଣୁ ଆର୍ଥିକ ଅନଗ୍ରସର ପରିସ୍ଥିତିରେ ବଂଚୁଥିବା ସବୁ ଲୋକଙ୍କୁ ଶ୍ରେଣୀଭୁକ୍ତ କରି ଅତ୍ୟାବଶ୍ୟକ ପରିସ୍ଥିତରେ ରହିଥିବା ମଣିଷଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ରୋଜଗାର ଦିଗରେ ବ୍ୟାପକ ସହଯୋଗ କରି ସମାନ୍ତରାଳ ପରିବେଶ ସୃଷ୍ଟି କରିବା ଏକ ରାଷ୍ଟ୍ରୀୟ ଲକ୍ଷ ହେବା ଅତ୍ୟନ୍ତ ଜରୁରୀ । ସର୍ବସାଧାରଣେ ଏହି କାର୍ଯ୍ୟରେ ନିଜକୁ ସଂଯୋଜିତ କରି ସହଯୋଗ କରିବା ଆଜିର ଆହ୍ୱାନ ।

*ୟୁଟ୍ୟୁବ୍ - ସାମାଜିକ ଜନମଂଚ (ଭାରତ), ଛତ୍ରପୁର, ଗଞ୍ଜାମ- ୭୬୧୦୨୦, ଦୂରଭାଷ.: ୯୪୩୭୩୨୪୯୧୭.*

# ଜେନ୍-ଜି ଆନ୍ଦୋଳନର ରାଜନୈତିକ ପ୍ରଭାବ



◆ ଅଧ୍ୟାପକ ଗୋପବନ୍ଧୁ

ନିକଟ ଅତୀତରେ ଦିଲ୍ଲୀର ଜନ୍ତରମନ୍ତରଠାରେ ଅନୁଷ୍ଠିତ ହୋଇଥିବା ଛାତ୍ର ଆନ୍ଦୋଳନ ମନେପକାଇ ଦେଇଛି ୧୯୭୪ ମସିହା ବିହାରରେ ସଂଗଠିତ ହୋଇଥିବା ଭ୍ରଷ୍ଟାଚାର ବିରୋଧୀ ଛାତ୍ର ଆନ୍ଦୋଳନ । ଯାହା ସେ ସମୟରେ ଦେଶର ଅନେକ ରାଜ୍ୟକୁ ବ୍ୟାପି ଯାଇଥିଲା । ଏ ଆନ୍ଦୋଳନ ଭ୍ରଷ୍ଟାଚାରର ଅନ୍ତ, ବେକାରୀ ସମସ୍ୟାର ସମାଧାନ ଓ ବ୍ୟବସ୍ଥା ପରିବର୍ତ୍ତନକୁ ନେଇ ମୁଣ୍ଡ ଟେକିଥିଲା । ଗୁଜରାଟରୁ ଆରମ୍ଭ ହୋଇଥିବା ଛାତ୍ର-ଯୁବ ଆନ୍ଦୋଳନର ନେତୃତ୍ୱ ପର୍ଯ୍ୟାୟକ୍ରମେ ଲୋକନାୟକ ଜୟପ୍ରକାଶ ନାରାୟଣ (ଜେପି)ଙ୍କ ହାତକୁ ଆସିଥିଲା । ଆନ୍ଦୋଳନ ଚାପରେ ତତକାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ । ଚାରିଆଡ଼େ ଦମନଲୀଳା ଚାଲିଲା ଓ ବିରୋଧୀ ନେତାମାନଙ୍କୁ ଜେଲରେ ପୁରାଗଲା । ଏହା ସୁଯୋଗ ସୃଷ୍ଟିକଲା ସମସ୍ତ ବିରୋଧୀ ନେତାଙ୍କୁ ଏକତ୍ରୀତ କରିବାରେ । ଲୋକନାୟକ ଜୟପ୍ରକାଶଙ୍କ ନେତୃତ୍ୱରେ ଗଠିତ ହେଲା ଜନତା ପାର୍ଟି ଓ ଏହା ୧୯୭୭ ମସିହା ନିର୍ବାଚନରେ ସମ୍ପୂର୍ଣ୍ଣ ବହୁମତ ନେଇ କ୍ଷମତାକୁ ଆସିଥିଲା । ଏହା ଏକ ପ୍ରକାର ବର୍ତ୍ତମାନ ତୁଲ୍ୟ ଜେନ୍-ଜି ଆନ୍ଦୋଳନ ଥିଲା । ଏହାପରେ ତାମିଲନାଡୁରେ ୧୯୬୫ ମସିହାର ହିନ୍ଦି ବିରୋଧି ଛାତ୍ର ଆନ୍ଦୋଳନ, ଆସାମରେ ଛାତ୍ର ଆନ୍ଦୋଳନ ୧୯୭୯ ରୁ ୧୯୮୫, ତତ୍କାଳୀନ ବିହାରର ଅଲ ଝଝାଡଖଣ୍ଡ ଷ୍ଟୁଡେଂଟସ୍ ୟୁନିୟନ(ଆଜସୁ) ଆନ୍ଦୋଳନ, ୧୯୯୦ ରେ ମଣ୍ଡଳ ବିରୋଧୀ ଛାତ୍ର ଆନ୍ଦୋଳନ ପ୍ରଭୃତି ଅନୁଷ୍ଠିତ ହୋଇଛି । ଜନ୍ତରମନ୍ତର ଆନ୍ଦୋଳନ ପରେ ଝାଡ଼ଖଣ୍ଡର ରାଂଚିଠାରେ ପରୀକ୍ଷା ଓ ନିଯୁକ୍ତିରେ ହେରଫେରକୁ ନେଇ ଛାତ୍ର ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି । ବିହାରର ପାଟନାରେ ମଧ ଛାତ୍ର ଆନ୍ଦୋଳନ ଚାଲିଛି । ଅନୁଷ୍ଠିତ ସମସ୍ତ ଛାତ୍ର ଆନ୍ଦୋଳନ ଲକ୍ଷ୍ୟ ହାସଲ କରିଛି । ଏଗୁଡ଼ିକ ଆଂଚଳିକ ତଥା କେତେକାଂଶରେ ଜାତୀୟ ଛାତ୍ର ଆନ୍ଦୋଳନ ଥିଲା । ହେଲେ ଜେପି ଆନ୍ଦୋଳନ ପରେ ଦେଶରେ ଏତେ ବ୍ୟାପକ ଛାତ୍ର-ଯୁବ ଆନ୍ଦୋଳନ ମୁଣ୍ଡ ଟେକିବାର ନଜିର ନଥିଲା । ଜନ୍ତରମନ୍ତର ଠାରେ ନିକଟରେ ହୋଇଥିବା ଛାତ୍ର-ଯୁବ ଆନ୍ଦୋଳନ ୧୯୭୪ ମସିହା ଆନ୍ଦୋଳନର ପୁନରାବୃତି ପରି ମନେ ହୁଏ । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଶ୍ରୀଯୁକ୍ତ ସୂର୍ଯ୍ୟକାନ୍ତ ଯୁବକମାନଙ୍କୁ ପରିହାସ କରି ଅସରପା(କକ୍ରୋଚ୍) ବୋଲି କହିଥିଲେ । ଏହା ଦେଶର ଯୁବକ-ଯୁବତୀ ମାନଙ୍କୁ ମର୍ମାହତ କରିଥିଲା । ଯୁକ୍ତରାଷ୍ଟ୍ର ଆମେରିକାରେ ଅଧ୍ୟୟନ କରୁଥିବା ମହାରାଷ୍ଟ୍ରର ଅଭିଜିତ ଦୀପକେ ନାମକ ଜଣେ ଯୁବକ ପରିହାସ ମୂଳକଭାବେ ମେ ୧୬, ୨୦୨୬ ରେ ଗଠନ କଲେ 'କକ୍ରୋଚ ଜନତା ପାର୍ଟି'(ସି.ଜେ.ପି.) । ସମାଜିକ ଗଣମାଧମ ଏକ୍ସ ଜରିଆରେ ସମସ୍ତ କକ୍ରୋଚ(ଯୁବକ)ମାନଙ୍କୁ ଆହ୍ୱାନ କଲେ ଯୋଡ଼ିହେବା ପାଇଁ । ସଦସ୍ୟ ସଂଖ୍ୟା କ୍ଷୀପ୍ର ବେଗରେ ବଢ଼ିଚାଲିଲା । ଦେଶର ବିଭିନ୍ନ ରାଜ୍ୟ ଓ ଜିଲ୍ଲାରେ ଏହାର ଶାଖାମାନ ଖୋଲିଲା । ନିଟ୍ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ଛାତ୍ର ଓ ଅଭିଭାବକମାନେ ଉତକ୍ଷିପ୍ତ ଥିଲେ । ଏହାକୁ ନେଇ ସିଜେପି ଆନ୍ଦୋଳନ ଆରମ୍ଭ କଲା । ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା, ସ୍ୱଚ୍ଛ ଓ ପାରଦର୍ଶୀ ପରୀକ୍ଷା ପ୍ରଣାଳୀ, ଶିକ୍ଷା ସଂସ୍କାର, ଅବ୍ୟବସ୍ଥା ପାଇଁ ଉତରଦାୟୀ ଏବଂ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ମର୍ମାହତ ହୋଇ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଦାବିନେଇ ଦିଲ୍ଲୀର ଜନ୍ତରମନ୍ତରଠାରେ ଜୁନ



୬, ୨୦୧୬ ଠାରୁ ଧାରଣା ପ୍ରଦର୍ଶନ ଆରମ୍ଭ ହୋଇଥିଲା । ପ୍ରଥମ କେତୋଟି ଦିନ ଧାରଣା ପ୍ରଦର୍ଶନ ଉତ୍ସାହଜନକ ନଥିଲା । ସଂଖ୍ୟା ଆଶାନୁରୂପ ନଥିଲା । ଏହାପରେ ଯୋଡିହେଲେ ବିଶିଷ୍ଟ ଶିକ୍ଷାବିତ୍ ଓ ପରିବେଶବିତ୍ ଶ୍ରୀଯୁକ୍ତ ସନୋମ ୱାଙ୍ଗଚୁକ୍ । ସେ ସମସ୍ତ ଦାବୀ ନେଇ ଜୁନ ୨୮ ତାରିଖରୁ ଆମରଣ ଅନଶନରେ ବସିଲେ । ଏହାପରେ ଆନ୍ଦୋଳନ କ୍ରମେ ଆଲୋଚନା ପରିସରକୁ ଆସିଲା । ଅନଶନ ଯେତେ ଅଧିକ ଦିନକୁ ଗଲା ଜନସମର୍ଥନ ସେହି ଅନୁସାରେ ବଢିବାକୁ ଲଗିଲା । ଆୟୋଜକମାନେ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳଙ୍କୁ ଅନୁରୋଧ କଲେ ଆନ୍ଦୋଳନରେ ସାମିଲ ହେବା ପାଇଁ । ତଥାପି ବିଶେଷ ପରିବର୍ତନ ଦେଖିବାକୁ ମିଳିଲା ନାହିଁ । ଅନୁରୋଧ କ୍ରମେ ତାଙ୍କ ସହିତ ଯୋଡିହେଲେ ଭୀମଆର୍ମି ଓ ଆଜାଦ୍ ସମାଜ ପାର୍ଟିର ସଂସ୍ଥାପକ ଚନ୍ଦ୍ରଶେଖର ଆଜାଦ୍ । ଏହାପରେ ଆନ୍ଦୋଳନର ରୂପରେଖ ବଦଳିଲା । ହଜାର ହଜାର ଭୀମଆର୍ମିର ସଦସ୍ୟ ଓ ସମର୍ଥକ ଆନ୍ଦୋଳନରେ ସାମିଲ ହେଲେ । 'ଜୟଭୀମ' ସ୍ଲୋଗାନରେ କମ୍ପିଲା ଜନ୍ତରମନ୍ତର । ହାତରେ ଥିଲା ସମ୍ବିଧାନ ପୁସ୍ତକ । ଏହା ପରେ ବିଭିନ୍ନ ରାଜନୈତିକ ଦଳ ଓ ବହୁ ବିଶିଷ୍ଟ ବ୍ୟକ୍ତି ପର୍ଯ୍ୟାୟକ୍ରମେ ଆନ୍ଦୋଳନ ସହିତ ଜଡ଼ିତ ହେଲେ । ଦିଲ୍ଲୀ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ୱାଙ୍ଗଚୁକଙ୍କୁ ୧୮ ତାରିଖ ଦିନ ବଳପୂର୍ବକ ସବଦରଜଙ୍ଗ ଡାକ୍ତରଖାନାକୁ ସ୍ଥାନାନ୍ତର କରାଗଲା । ଏପଟେ ଆନ୍ଦୋଳନକାରୀ ଜୁନ ୨୦ ତାରିଖ ଦିନ ସଂସଦଭବନ ପର୍ଯ୍ୟନ୍ତ ଶୋଭାଯାତ୍ରା ଆରମ୍ଭ କଲେ । ଏଥିରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଲା । ଏମାନଙ୍କୁ ରୋକିବା ପାଇଁ ପୋଲିସକୁ ଲାଠିଚାର୍ଜ, ଲୁହବୁହା ଗ୍ୟାସ, ପେଲେଟ ଗାନ, ୱାଟର କେନନ ଇତ୍ୟାଦିର ପ୍ରୟୋଗ କରିବାକୁ ପଡିଲା । ପୋଲିସ ମାଡରେ ବହୁ ଛାତ୍ରଛାତ୍ରୀ ଓ ପ୍ରଦର୍ଶନକାରୀ ଲହୁଲୁହାଣ ହେଲେ । କେତେକଙ୍କୁ ଗିରଫ କରାଗଲା । ଚାରିଆଡ଼େ ସମସ୍ତ ମହଲରୁ ଭୀଷଣ ପ୍ରତିକ୍ରିୟା ପ୍ରକାଶ ପାଇଲା । ଦେଶର ବିଭିନ୍ନ ସ୍ଥାନରେ ସମର୍ଥନରେ ଯୁବକ ଓ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଲେ । କେତେକ ସ୍ଥାନରେ ଉଗ୍ର ପ୍ରଦର୍ଶନ ହେଲା । ମନେହେଲା ନେପାଳରେ ସଂଗଠିତ ଜେନ-ଜି ଆନ୍ଦୋଳନ ତୁଲ୍ୟ ଭାରତରେ ମଧ ହେବାକୁ ଯାଉଛି । ଶେଷରେ କେନ୍ଦ୍ର ସରକାର ମୁଣ୍ଡ ନୁଆଁଇଲେ । ଆଲୋଚନାକୁ ଓହ୍ଲାଇଲେ । ପ୍ରତିଶ୍ରୁତି ପାଇ ଡାକ୍ତରଖାନାରେ ଅନଶନରତ ସନୋମ ୱାଙ୍ଗଚୁକ୍ ଅନଶନ ଭଙ୍ଗକଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଜୁଲାଇ ୨୫ ତାରିଖରେ ଇସ୍ତଫା ଦେଲେ । ସିଜେପିର ସମସ୍ତ ଦାବୀକୁ ସରକାର ମାନିନେଇ । ସିଜେପି ମଧ ଆନ୍ଦୋଳନକୁ ପ୍ରତ୍ୟାହାର କଲା । ୧୯୭୪ ମସିହାରେ ଅନୁଷ୍ଠିତ ହୋଇଥିବା ଛାତ୍ର ଆନ୍ଦୋଳନର ଫଳ ପ୍ରକାଶିତ ହୋଇଥିଲା ୧୯୭୭ ମସିହାରେ । ଦେଶର ଜନତାଙ୍କୁ ଏହି ଆନ୍ଦୋଳନ ଗଭୀରଭାବେ ପ୍ରଭାବିତ କରିଥିଲା । ଭ୍ରଷ୍ଟାଚାର ଓ ସ୍ୱେଚ୍ଛାଚାରୀତାକୁ ସାଧାରଣ ଜନତା ପ୍ରତ୍ୟାଖ୍ୟାନ କରିଥିଲେ । ଫଳରେ ନବଗଠିତ ଜନତା ପାର୍ଟି ବିପୁଳ ଭୋଟରେ ବିଜୟୀ ହୋଇ କ୍ଷମତାକୁ ଆସିଥିଲା । ଏହାର ଶ୍ରେୟ ତତକାଳୀନ ଛାତ୍ର ଓ ଯୁବ ସମାଜକୁ ଦିଆଯାଇ ଥିଲା । ଯେଉଁମାନଙ୍କ ଆନ୍ଦୋଳନ ସମସ୍ତ ବିରୋଧୀ ନେତାଙ୍କୁ ସଂଗଠିତ ହେବାର ସୁଯୋଗ ସୃଷ୍ଟି କରିଥିଲା । ଜନ୍ତରମନ୍ତରଠାରେ ସଂଗଠିତ ସିଜେପି ଆନ୍ଦୋଳନ ଥମିଯାଇଛି, କିନ୍ତୁ ସମାପ୍ତ ହୋଇନାହିଁ ପରି ମନେହୁଏ । ଏହାର ପ୍ରଭାବ ପ୍ରସାରିତ ହେଉଛି । ଛାତ୍ର ଓ ଯୁବକମାନଙ୍କ ଉପରେ ହୋଇଥିବା ଦମନଲୀଳା ଦେଶବାସୀଙ୍କ ଉପରେ ଗଭୀର ପ୍ରଭାବ ପକାଇଛି । ଲୋକମାନେ ନିଜ ପିଲାଙ୍କ ଉପରେ ହୋଇଥିବା ବର୍ବୋରଚିତ ଆକ୍ରମଣକୁ ଦେଖିଛନ୍ତି । ୨୦୨୪ ମସିହାରେ ପ୍ରଣିତ ହୋଇଥିବା କୋଠର ନିୟମ ଥିବା ସତ୍ୱେ ପ୍ରଶ୍ନପତ୍ର ଲିକ୍ ହୋଇଛି । ତଥାପି ଏହାକୁ ରୋକାଯାଇ ପାରୁନାହିଁ । କେଉଁଠି ନା କେଉଁଠି ଆନ୍ତରିକତାର ଅଭାବ ରହିଛି ବୋଲି ସାଧାରଣ ଜନତା ଅନୁଭବ କରୁଛନ୍ତି । ଆଗାମୀ ଦିନରେ ଏପରି ଘଟଣାର ପୁନରାବୃତି ହେଉଛି କି ନାହିଁ ତାହା ଦେଖିବାକୁ ବାକି ରହିଲା । ଭାରତର ଜେନ-ଜି ସଚେତନ ହେଲେଣି । ଜେନ-ଆଲ୍ଫା ମଧ୍ୟ ପ୍ରତିକ୍ରିୟାଶୀଳ ହେଉଛନ୍ତି । ସମସ୍ତେ ବ୍ୟବସ୍ଥା ପରିବର୍ତନ କଥା କହୁଛନ୍ତି । ପ୍ରଶ୍ନ ପଚାରିବା ଆରମ୍ଭ କରିଛନ୍ତି । ସବୁକଥା ଠିକଭାବେ ବୁଝୁଛନ୍ତି । ସମ୍ବିଧାନ ସମ୍ମତଭାବେ ଶାସନ ଚାଲିଛି କି ନାହିଁ ତାହା ବି ଦେଖୁଛନ୍ତି । ବିକ୍ରୀ ହୋଇଥିବା ମିଡିଆ ତାଙ୍କ ସମର୍ଥନରେ ନଥିଲେ ବି ସାମାଜିକ ଗଣମାଧମ ତାଙ୍କ ହାତରେ ଅଛି । ଏହାହିଁ ତାଙ୍କୁ ପରସ୍ପର ସହିତ ଯୋଡୁଛି । ବିଭିନ୍ନ ରାଜ୍ୟରେ ପ୍ରଶ୍ନପତ୍ର ଲିକ୍ ଓ ଚୟନ ପ୍ରକ୍ରିୟାରେ ହେଉଥିବା ଅନିୟମିତତାକୁ ନେଇ ଜେନ-ଜି ଅତ୍ୟନ୍ତ କ୍ଷୁବ୍ଧ । କେତେବେଳେ କେଉଁ ବିଷୟକୁ ନେଇ ଏମାନେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବେ ତାହା କହିହେବ ନାହିଁ । ତେବେ ସଦ୍ୟ ସଂଗଠିତ ଜେନ-ଜି ଆନ୍ଦୋଳନର ପ୍ରଭାବ ଭାରତୀୟ ରାଜନୀତି ଉପରେ କିପରି ପଡିଛି ତାହା ଜାଣିବା ପାଇଁ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ସରକାର ଛାତ୍ର ଅଶାନ୍ତିର କିପରି ମୁକାବିଲା କରୁଛନ୍ତି ଓ ଏ ପରିସ୍ଥିତିକୁ କିପରି ଅତିକ୍ରମ କରୁଛନ୍ତି ତାହା ମଧ୍ୟ ଦେଖିବାକୁ ହେବ ।

*(ଅବସରପ୍ରାପ୍ତ), ଦର୍ଶନ ବିଭାଗ ବାରିପଦା, ମୟୂରଭଞ୍ଜ, ପିନ୍- ୭୫୭୦୦୨*





# ଆନନ୍ଦମାର୍ଗ ୟୁନିଭରସାଲ ରିଲିଫ ଟିମ୍‌ର ବନ୍ୟାଂଚଳରେ ରିଲିଫ୍ ବଂଟନ

ଭଦ୍ରକ : ଜିଲ୍ଲାର ବୈତରଣୀ ଏବଂ ଶାଳନ୍ଦୀନଦୀ ବନ୍ୟାରେ ଭଦ୍ରକ ବ୍ଲକ ସମେତ ଧାମନଗର, ଭଣ୍ଡାରୀପୋଖରୀ, ଚାନ୍ଦବାଲି, ତିହିଡ଼ି ଏବଂ ବାସୁଦେବପୁର ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଅଛି । ବିଶେଷ ଭାବେରେ ଧାମନଗର ବ୍ଲକ୍ ରେ ଆନେକ ପଂଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା ବେଳେ ପୁଣି ତୃତୀୟ ବାର ବୈତରଣୀ ରେ ପାଣିଆସି ଘରେ ପାଣି ପଶିଛି । ମାଟି ଘର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି । ଏକତାଲା ଘର ଖଟ ଉପରେ ଆସବାବ ପତ୍ରରଖି ଛାତ ଉପରେ ପାଲଟାଣୀ ଦିନ ରାତି ବିତାଉଅଛନ୍ତି । ଏହି ଦୁର୍ଦ୍ଦିନରେ ବନ୍ୟା ପିଡ଼ିତଙ୍କ ସହାୟତାରେ "ଆନନ୍ଦମାର୍ଗ ୟୁନିଭରସାଲ





ରିଲିଫ୍ ଟିମ" ସେମାନଙ୍କ ନିକଟରେ ପହଁଚ୍ ସେମାନଙ୍କୁ ଆଶ୍ୱାସନା ଦେବା ସହିତ ଅଟା, ଚୂଡ଼ା, ବିସ୍କୁଟ, ଆଳୁ, ଯଥା କ୍ରମେ ରଇପୁର ପଂଚାୟତରେ ମୌଦପୁର ଓ ମୌଜପୁର ଯେନାସାହି, କରଦା ଗ୍ରାମ ପଂଚାୟାତରେ ସୁଜାନସିଂହପୁର ଅର୍ଜ୍ଜୁନ ପୁର ଗ୍ରାମପଂଚାୟତର ବାଲିପାଟଣା, ହସନାବାଦ ଗ୍ରାମପଂଚାୟତ ହସନାବାଦ, ଅସ୍ତକ ଓ ତଳ ଅସ୍ତକ ଆଦି ଗ୍ରାମରେ ବନ୍ୟା ପିଡିତ ଲୋକ ମାନଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଅଛି । ବନ୍ୟା ପ୍ରଭାବିତ ଅନେକ ପରିବାର ଖାଦ୍ୟ, ପାନୀୟ, ବାସଗୃହ ସହିତ ଦୈନନ୍ଦିନ ଆବଶ୍ୟକତା ସେମାନଙ୍କ ପାଖରେ ଏବେ ଉପଲବ୍ଧ ନଥିଲା ବେଳେ "ଆନନ୍ଦମାର୍ଗ ୟୁନିଭରସାଲ ରିଲିଫ୍ ଟିମ" ପହଁଚ୍ ସେମାନଙ୍କୁ ସାମହିକ ଭାବେ ସେବାକାର୍ଯ୍ୟ ଯୋଗାଇ ଦେଇଅଛନ୍ତି । ଏମର୍ଟ "ଆନନ୍ଦମାର୍ଗ ୟୁନିଭରସା ରିଲିଫ୍ ଟିମ" ଭଦ୍ରକ ଜିଲ୍ଲା ସଭାପତି ଜଗନ୍ନାଥ ରାୟ ସମ୍ପାଦିକା ପ୍ରଫେସର ସ୍ନେହଲତା ପାତ୍ର, 'ଲ' କଲେଜ ଅଧକ୍ଷ ଡ଼କ୍ଟର ପ୍ରସନ୍ନ କୁମାର ରାୟ, ମାକ୍ରୋୱେଭର ମେନେଜିଂଗ ଡ଼ାଇରେକ୍ଟର ମନୋଜ କୁମାର ରାୟ, ଚନ୍ଦ୍ର ଗୁପ୍ତ ଲେଙ୍କା, ଅସିମା ନନ୍ଦ ରାୟ, ଗୌରୀ ଶ୍ୟାମ ପାଣି, ଆନନ୍ଦମାର୍ଗ ସନ୍ୟାସିନୀ ବ୍ରହ୍ମଚାରିଣୀ ଜୀଭ ପ୍ରାଣାଆଚାର୍ଯ୍ୟ, ଶୁଭଦ୍ରା ଦାସ, ଶିକ୍ଷୟତ୍ରୀ ମିନତୀ ରାଉତ, ମହେନ୍ଦ୍ର କୁମାର ମଲ୍ଲିକ, ନିରଞ୍ଜନ ଧଳ, ନରେନ୍ଦ୍ର କୁମାର ରାୟ, ହିମାଂସୁ ରାଉତ,ଭଗବାନ ରାଉତ ସମସ୍ତେ ସେବା କାର୍ଯ୍ୟରେ ସାମିଲ ହୋଇଥିଲେ । ହସନାବାଦ ସରପ□ ଶ୍ରୀ ଅଜୟ କୁମାର ମଲ୍ଲିକ ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

# ବାରିପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଉଦଯାପିତ

ବାରିପଦା : ବାରିପଦା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କର ଏକ ଅଭିନବ ପ୍ରୟାସ ଦ୍ୱାରା ପ୍ରଥମ କରି ବାରିପଦା ବ୍ଲକର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ବିଦ୍ୟାଳୟମାନଙ୍କରେ ପିଲାମାନଙ୍କର ସୁରକ୍ଷା ଓ ନିରାପତାକୁ ଆଖି ଆଗରେ ରଖି ଏକ ଦିନିଆ ପ୍ରଶିକ୍ଷଣ ଶିବିର ଚାରିଦିନ ଧରି ଚାଲି ଶେଷରେ ୦୩.୦୯.୨୦୨୬ ରିଖଦିନ ପୋଲିସଲାଇନ୍ ଉଚ୍ଚ ବିଦ୍ୟାଳୟରେ ଉଦଯାପିତ ହୋଇଯାଇଛି ଓ ଉକ୍ତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରି ପୁର୍ଣ୍ଣଚନ୍ଦ୍ର ସେଠି ଯୋଗଦେଇ ବହୁ ଉପାଦେୟ କଥା ଉପଦେଶ ଦେଇଥିଲେ । ପ୍ରଶିକ୍ଷଣ ଶିବିରଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୁଜା



ମାଧୁରୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଶିବିରକୁ ବରିଷ୍ଠ ପ୍ରାଥମିକ ଚିକିତ୍ସା ରାଜ୍ୟ ସାଧନ କର୍ମୀ ସତ୍ୟ ନାରାୟଣ ଦାସ ପ୍ରଶିକ୍ଷକ ଭାବେ ଯୋଗଦାନ କରି ବିଦ୍ୟାଳୟ ମଧରେ କିପରି ଭାବେ ଛାତ୍ର ଛାତ୍ରୀ ମାନଙ୍କୁ ସୁରକ୍ଷିତ ରଖି ପାରିବା ପ୍ରଶିକ୍ଷାତ୍ରୀ ମାନଙ୍କୁ ବିଭିନ୍ନ ପ୍ରକାରର କୌଶଳ ପ୍ରଦାନ କରିଥିଲେ ଓ ଉକ୍ତ ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକୁମାର ରାଉତ ପ୍ରଶିକ୍ଷାର୍ଥିମାନଙ୍କୁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ । ଉକ୍ତ ଶିବିରକୁ ବାରିପଦା ବ୍ଲକର ଶିକ୍ଷକ ସମନ୍ୱୟ ସମିତିର ଅଧକ୍ଷ ଗୌରଗୋପାଳ ଲେଙ୍କା, ସାଧାରଣ ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର, ଉପଦେଷ୍ଟା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟଙ୍କ ସହାୟତାରେ ଶିବିରଟି ପରିଚାଳନା ହୋଇଥିଲା । ଏଥିରେ ୫୦ ଜଣ ପ୍ରଶିକ୍ଷାର୍ଥୀ ଯୋଗଦାନ କରି ୦୩ ଟି କ୍ଲଷ୍ଟରର ସିଆରସିସି ଅଂଶ ଗ୍ରହଣ କରିଥିଲେ । ଶେଷରେ ସପନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଏମ କିଷାନ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ଜୟପୁର : (ହି.ସ.)- ଜୟପୁର ସିଏମ - କିଷାନ ରବି ୨୦୨୬-୨୭ର ୫ମ କିସ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର ଠାରେ ଉନ୍ମୋଚନ କରାଯାଇଥିଲା । ଏହା ରାଜ୍ୟର ସମସ୍ତ ସ୍ଥାନରେ ସିଧାପ୍ରସାରଣ କରାଯାଉଥିଲା । ଏହା କୋରାପୁଟ ଜିଲ୍ଲାର ସଦଭାବନା ସଭା ଗୃହ ଠାରେ ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ, କୋରାପୁଟ, ରଘୁରାମ ମାଛ, ସ୍ୱତନ୍ତ୍ର ଉନ୍ନୟନ କମିଟି, ଅଧକ୍ଷ, କୋରାପୁଟ, ଭଗ୍ବାନ ମୁଦୁଲି, ଜିଲ୍ଲାପାଳ, କୋରାପୁଟ ମନୋଜ ସତ୍ୟବାନ ମହାଜନ, ଉପାଧକ୍ଷ, ଜିଲ୍ଲା ପରିଷଦ, କୋରାପୁଟ, ରାଧା ବିନୋଦ ସାମନ୍ତରାୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କୋରାପୁଟ ଭବାନୀ ଶଙ୍କର ମହାପାତ୍ର, କୋରାପୁଟ, ଉପ ନିର୍ଦ୍ଦେଶକ, ଉଦ୍ୟାନ କୃଷି କୋରାପୁଟ ଅନ୍ତର୍ଯ୍ୟାମୀ ସାହୁ, ପ୍ରକଳ୍ପ ନିର୍ଦ୍ଦେଶ, ଜଳବିଭାଜିକା ଉନ୍ନୟନ ବିଭାଗ, କୋରାପୁଟ ଅଶୋକ ସେନାପତି, ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର, କୋରାପୁଟ ଏବଂ କୃଷି ଓ ଆନୁଷଙ୍ଗିକ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକର ୧୦୦ ଜଣ ଚାଷୀ ଯୋଗ ଦେଇ ଥିଲେ । ସିଏମ୍ କିଷାନ ଯୋଜନା ଅଧୀନରେ କୋରାପୁଟ ଜିଲ୍ଲାର ୧୪ଟି ବ୍ଲକ୍ ର ମୋଟ ୮୮,୨୮୯ ଜଣ ଚାଷୀଙ୍କୁ ସତର କୋଟି ଅଠାଅଶୀ ଲକ୍ଷ ବୟାଅଶୀ ହଜାର ପାଂଚଶହ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏଥିମଧ୍ୟରୁ ୮୭,୨୮୧ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସତର କୋଟି ପଇଁଚାଳିଶ ଲକ୍ଷ ବାଷଠି ହଜାର ଟଙ୍କା ଏବଂ ୧,୦୦୮ ଜଣ ଭୂମିହୀନ କୃଷି ପରିବାରଙ୍କୁ ତେୟାଳିଶ ଲକ୍ଷ କୋଡ଼ିଏ ହଜାର ପାଂଚଶହ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

# ଡିଏଭି ଗୁରୁକୁଳରେ ରାଧାକୃଷ୍ଣ ବେଶରେ ସଜ୍ଜିତ ପିଲାଏ ପାଳିଲେ ଜନ୍ମାଷ୍ଟମୀ

ମାଲକାନଗିରି : (ହି.ସ.)- କୁଡୁମୁଲୁଗୁମ୍ମା ତହସିଲ ଅନ୍ତର୍ଗତ ଡିଏଭି ଗୁରୁକୁଳ ପରିସରରେ ବିଦ୍ୟାଳୟର କୁନି କୁନି ପିଲାମାନେ, ଆଜି ଜନ୍ମାଷ୍ଟମୀ ଅବସରରେ ବିଭିନ୍ନ ରଙ୍ଗବେରଙ୍ଗର ବସ୍ତ୍ର ପରିଧାନ କରି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳନ କରିଛନ୍ତି । ପୂର୍ବାହ୍ନ ୧୦ଟାରେ ପୂଜକ ରମେଶ ଚନ୍ଦ୍ର ରଥ ଶ୍ରୀକୃଷ୍ଣ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ ଓ ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଅବସରରେ କୁନି ପିଲାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା, ଯେଉଁଥିରେ ସମାଜସେବୀ ଗଣେଶ ପ୍ରସାଦ ଦାସ ଓ ଭଗବାନ ସାହୁ ପ୍ରମୁଖ ପରିବେଷିତ ନୃତ୍ୟ ଗୁଡ଼ିକର ମୁଲ୍ୟାଙ୍କନ କରିଥିଲେ । ଏହି ନୃତ୍ୟ ପ୍ରତିଯୋଗିତାରେ ସୋଫିଆ ମଲ୍ଲିକ ପ୍ରଥମ, ଶୁଭଶ୍ରୀ ମିଶ୍ର ଦିତୀୟ ଓ ଅପ୍ସଶିତା ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ ଓ ପ୍ରିନ୍ସପାଲ ଶୁଶାନ୍ତ କୁମାର ରାଉଳ ସମସ୍ତ କୃତି ଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ଏହାପରେ ସବୁପିଲା ମିଶି ଦହି ହାଣ୍ଡି ଭାଙ୍ଗିବା ସହ ବିଭିନ୍ନ ମିଷ୍ଟାନ୍ନର ଆନନ୍ଦ ନେଇଥିଲେ । ସେହିପରି କାଳିମେଳା ଡ଼ିଏଭି ଗୁରୁକୁଳରେ ମଧ ଜନ୍ମାଷ୍ଟମୀ ପାଳିତ ହୋଇଥିଲା ।

# ଅନ୍ୟ ପାଇଁ ଉଦାହରଣ ପାଇଲଟ କନିଷ୍କା

ଭଦ୍ରକ : (ହି.ସ.) - ନାରୀମାନେ ପୁରୁଷଙ୍କ ଠାରୁ ଆଉ ପଛରେ ନାହାଁନ୍ତି । ବିଭିନ୍ନ କ୍ଷେତ୍ରରେ ପୁରୁଷଙ୍କୁ ପଛରେ ପକାଇ ନାରୀମାନେ ବହୁ ଆଗକୁ ଯାଇ ପାରିଛନ୍ତି ।ବିଜ୍ଞାନର ଉନ୍ନତି ସଂଗେ ସଂଗେ ନାରୀମାନେ ନିଜ ପ୍ରତିଭାକୁ ସାଥି କରି ଶୀର୍ଷ ସୋପାନରେ ପହଁଂଚିଛନ୍ତି । ଏହିପରି ଜଣେ ଓଡ଼ିଆ ଝିଅ ହେଉଛନ୍ତି ଦିଲ୍ଲୀରେ ଜନ୍ମିତ କନିଷ୍କା ପାତ୍ର । ମାତ୍ର ୧୯ ବର୍ଷ ବୟସରେ ସୁଦୂର ସାଉଥ ଆଫ୍ରିକା ରୁଷ୍ଟେନବର୍ଗ ସ୍ଥିତ ଜହ୍ନସବର୍ଗରେ ପାଇଲଟ ଭାବରେ ଟ୍ରେନିଂ ନେଉଛନ୍ତି । ସେ ବର୍ତମାନ ୧୦ ହଜାର ଫୁଟ ଉଚ୍ଚ ଆକାଶମାର୍ଗରେ ପାଇଲଟ ଭାବେ ଉଡ଼ାଜାହାଜ ଉଡ଼ାଇବାର ଦକ୍ଷତା ଅର୍ଜନ କରି ପ୍ରଶିକ୍ଷଣ ଏକାଡେମୀ ତରଫରୁ ପୁରସ୍କୃତ ହୋଇଛନ୍ତି । ଏହାକୁ ନିଜର ପେସା ଭାବେ ଗ୍ରହଣ କରି ଅଳ୍ପଦିନ ପରେ ଭାରତ ଫେରି ଆସି କୌଣସି କଂପାନୀରେ ଯୋଗଦେଇ ଉଡ଼ାଜାହାଜ ଉଡାଇବେ ବୋଲି ସେ କହିଛନ୍ତି । ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅନ୍ତର୍ଗତ ସେଣ୍ଡତିରା ପଂଚାୟତ ଖଳାଗଡ଼ିଆ ଗ୍ରାମର ଉଦ୍ୟୋଗୀ ଯୁବକ ତଥା ନୂଆଦିଲ୍ଲୀ ସ୍ଥିତ ଦୁସାଦ କନଷ୍ଟ୍ରକସନ କଂପାନୀ ମ୍ୟାନେଜର ସୁକାନ୍ତ ପାତ୍ର ଓ ସୁପରିତାଙ୍କ ଏକ ମାତ୍ର ଝିଅ କନିଷ୍କା ନୂଆଦିଲ୍ଲୀସ୍ଥିତ ଦ୍ୱାରକା ଏମ୍ ଏଲ୍ ଖାନ୍ନା ଡିଏଭି ପବ୍ଲିକ ସ୍କୁଲରେ ଅଧୟନ କରିଥିଲେ । ଉକ୍ତ ବିଦ୍ୟାଳୟରେ ସେ ମଧ ଜଣେ ମେଧାବୀ ଛାତ୍ରୀ ଭାବେ ପରିଚିତ ଥିଲେ । ମ୍ୟାଟ୍ରିକ ଓ +୨ରେ ମଧ ସେ ବିଦ୍ୟାଳୟର ଅନ୍ୟ ଛାତ୍ର ଛାତ୍ରୀଙ୍କୁ ପଛରେ ପକାଇ ଟପ୍ପର ହୋଇପାରିଥିଲେ । ନିଜର ଦୃଢ ଇଚ୍ଛା ଶକ୍ତି ଯୋଗୁଁ ସେ ଆଜି ୧୦ ହଜାର ଫୁଟ ଉଚ୍ଚତା ରେ ଉଡାଜାହାଜ ଚଳାଇ ନିଜ ଅଂଚଳ ପାଇଁ ଗୌରବ ଆଣି ପାରିଛନ୍ତି । ସେ ଦିଲ୍ଲୀରେ ରାମପାଲ ଚୌକ ସ୍ଥିତ ବିନୋଦ ଯାଦବ ଆଭିନେସନ ଏକାଡେମୀରେ ପାଇଲଟ ଶିକ୍ଷାଗ୍ରହଣ କରିଥିଲେ । ବର୍ତମାନ ସପରିବାର ଦିଲ୍ଲୀର ଦ୍ୱାରକା ଅଂଚଳରେ ଅବସ୍ଥାନ କରୁଛନ୍ତି ।

# ଯୌତୁକ ନିଷେଧ ଆଇନ ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାରିପଦା : ଯୌତୁକ ପ୍ରଥାର ନିରାକରଣ, ଯୌତୁକ ନିଷେଧ ଆଇନ, ୧୯୬୧ର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଏବଂ ଏ ସମ୍ପର୍କରେ ଆଇନଗତ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି. ପ୍ରଶିକ୍ଷଣରେ ଯୌତୁକ ପ୍ରଥାର ନିରାକରଣ ଓ ଆଇନର ପ୍ରଭାବଶାଳୀ ପ୍ରୟୋଗ ବାବଦରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି. ବିଷୟ



ବିଶାରଦ ଭାବରେ ବିଭୁ ପ୍ରସାଦ ଦାସ ପିପିଟି ପ୍ରେଜେଂଟେସନ ମାଧ୍ୟମରେ ଯୌତୁକ ନିଷେଧ ଆଇନ, ୧୯୬୧ର ବିଭିନ୍ନ ଆଇନଗତ ବ୍ୟବସ୍ଥା ଉପରେ ବିସ୍ତୃତ ଓ ସୂଚନାପୂର୍ଣ୍ଣ ଆଲୋଚନା କରିଥିଲେ. ଯୌତୁକ ପ୍ରଥା ନାରୀଙ୍କ ସମ୍ମାନ, ସମାନତା ଓ ଅଧିକାରକୁ ପ୍ରଭାବିତ କରୁଥିବାରୁ ଏହାର ନିରାକରଣ ପାଇଁ ଆଇନର କଡ଼ା କାର୍ଯ୍ୟାନ୍ୱୟନ ସହିତ ସାମାଜିକ ସଚେତନତା, ସମନ୍ୱିତ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା. ପ୍ରଶିକ୍ଷଣରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୌତମ କିଷାନ, ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ମହାରଣା, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି ଉପସ୍ଥିତ ରହି ଯୌତୁକ ପ୍ରଥାର ନିରାକରଣ, ମହିଳାଙ୍କ ସୁରକ୍ଷା ଓ ଆଇନର କାର୍ଯ୍ୟାନ୍ୱୟନ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ. ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ୱାନ ଷ୍ଟପ ସେ[ର, ଶକ୍ତି ସଦନ ଓ ଏଫ.ସି.ସି. ସହ ଜଡ଼ିତ କର୍ମଚାରୀ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଏବଂ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ପ୍ରଶିକ୍ଷଣରେ ସକ୍ରିୟ ଅଂଶଗ୍ରହଣ କରିଥିଲେ.

# କନ୍ଧମାଳରେ ରେସ୍କଲାର ୱେଲଫର ଫାଉଣ୍ଡେସନ ପକ୍ଷରୁ ମାଗଣା ରାସନ ସାମଗ୍ରୀ ବଂଟନ କାର୍ଯ୍ୟକ୍ରମ

କନ୍ଧମାଳ : (ହି.ସ.)- ରେସ୍କଲାର ୱେଲଫର ଫାଉଣ୍ଡେସନ ନାମକ ଏକ ସଂସ୍ଥାର ଅନ୍ନପୂର୍ଣ୍ଣ । ଯୋଜନାରେ ସାମିଲ ହୋଇଥିବା କନ୍ଧମାଳ ଜିଲ୍ଲାର ୮ଟି ବ୍ଲକର ବିଭିନ୍ନ ଲୋକଙ୍କୁ ବ୍ଲକ ସଂଯୋଜକଙ୍କ ମାଧ୍ୟମରେ ୪୦ ଜଣଙ୍କୁ ପାଂଚଶହ ଟଙ୍କାର ମାଗଣା ରାସନ ବ[ନ କରାଯାଇଛି । ଏହି ମାଗଣା ରାସନ ବଂଟନ କାର୍ଯ୍ୟକ୍ରମ କ. ନୂଆଗାଁ ବ୍ଲକ ସାରଙ୍ଗ ଗଡ଼ ପଂଚାୟତ ସ୍ଥିତ କୁଇ ସେବା ସମିତି ସଭା ଗୃହ ଠାରେ ଆଠଟି ବ୍ଲକରୁ ପ୍ରାୟ ତିରିଶ ଜଣ ସଂଯୋଜକ ଉପସ୍ଥିତ ହୋଇଥିଲେ । ରେସ୍କଲାର ୱେଲଫର ଫାଉଡେସନ ଝାଡ଼ଖଣ୍ଡ ରାଜ୍ୟର ଧାନବାଦ ଜିଲ୍ଲାର ଏକ ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ । ଏହି ସଂସ୍ଥା ଦ୍ୱାରା ଝାଡ଼ଖଣ୍ଡ, ଓଡିଶା ସମେତ ବହୁ ରାଜ୍ୟରେ ଏହି ଅନ୍ନପୂର୍ଣ୍ଣା ଯୋଜନା ଓ ସ୍ୱରୋଜଗାର ଯୋଜନା କାର୍ଯ୍ୟକ୍ରମ ଦ୍ରୁତଗତିରେ କାର୍ଯ୍ୟକାରି ହେଉଛି । ଏହି ଦୁଇ ଯୋଜନାରେ ହଜାର ହଜାର ଲୋକ ଉପକୃତ ହୋଇସାରିଲେଣି । ପ୍ରଥମ ଥର ପାଇଁ ଆମ ଜିଲ୍ଲାରେ ଲୋକେ ଅର୍ଣ୍ଣପୂର୍ଣା ଯୋଜନା ମାଧ୍ୟମରେ ମାଗଣା ରାସନ ପାଇବା ଆରମ୍ଭ କରାଯାଇଛି । ସଂସ୍ଥା ସହ ଜଣେ ଥରେ ଯୋଡ଼ି ହୋଇଗଲେ ବାର ମାସ ପର୍ଯ୍ୟନ୍ତ ମାଗଣାରେ ରାସନ ପାଇପାରିବେ । ଏହାସହ ସ୍ୱରୋଜଗାର ଯୋଜନା ମାଧ୍ୟମରେ ଲୋକଙ୍କୁ ସଂସ୍ଥାର ନିୟମ ଅନୁସାରେ କିଛି ନା କିଛି ଟଙ୍କା ପ୍ରତ୍ୟେକ ଦିନ ତାଙ୍କରି ୱାଲେଟକୁ ଆସି ଯାଉଛି । ଯାହାକି ପ୍ରତ୍ୟେକ ମାସ ତିନି ତାରିଖରେ ଲୋକେ ନିଜ ବ୍ୟାଙ୍କ ଖାତାକୁ ନେଇ ଖର୍ଚ୍ଚ କରିପାରିବେ । ତାହାର ଲାଭ ବି ଆମ ଜିଲ୍ଲା ଲୋକେ ଉଠାଇ ସାରିଲେଣି । ଏହି ଯୋଜନା ସବୁକୁ ନେଇ ଲୋକେ ବହୁ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା । ଏହା ସହ ଲୋକେ ନିଜ ନିଜ ମୁଖରୁ ରେସ୍କଲାର ସଂସ୍ଥା ସହ ସଂସ୍ଥାର ପ୍ରତିଷ୍ଠାତାଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାର କୋଣଅନୁକୋଣ ରେ ଥିବା ପ୍ରତ୍ୟେକ ପରିବାର ପାଖରେ ପହଂଚାଇବା ପାଇଁ ନୂତନ ଭାବେ ଠିଆ ହୋଇଥିବା ଅଣ ପଞ୍ଜିକୃତ ସଂଗଠନ ତଥା ଡଃ. ବାବା ସାହେବ ଆମ୍ବେଦକର ସ୍ମୃତି ସଂଗଠନ ନିଜ ହାତକୁ ନେଇଥିବା ଦେଖିବାକୁ ମିଳିଛି । ଆଗାମୀ କିଛି ମାସରେ ମଧ୍ୟରେ ଜିଲ୍ଲାର ପ୍ରତି ଲୋକଙ୍କ ପାଖରେ ପହଂଚାଇବା ପାଇଁ ସମସ୍ତ ବ୍ଲକ ସଂଯୋଜକ ମାନେ ପ୍ରୟାସ କରିବା ନେଇ ଦୃଢ ସ୍ୱରରେ କହିଥିଲେ ।

# ମଣତା ଗାଁରେ ମହାଆଡମ୍ବରରେ ଶ୍ରୀକୃଷ୍ଣ ଜନ୍ମ ଉତ୍ସବ ପାଳିତ

ଘଟଗାଁ : (ହି.ସ.) - ମଣତା ଗାଁରେ ବେଶ ଧୁମ ଧାମ ସହକାରେ ପାଳିତ ହେଉଛି ଶ୍ରୀକୃଷ୍ଣ ଜନ୍ମ ଉତ୍ସବ । ଦୀର୍ଘ ୩୦ ବର୍ଷ ଧରି ପାଳନ ହୋଇ ଆସୁଥିବା ଏହି ଉତ୍ସବରେ ଗାଁରେ ଭାଇଚାରା ସହ ଶାନ୍ତି ଓ ଏକତାର ବନ୍ଧନରେ ବନ୍ଧି ହେଉଛନ୍ତି ବାଳକ ବାଳିକା ଠାରୁ ଯୁବ ଗୋଷ୍ଠୀ । ପ୍ରତି ବର୍ଷ ଭଳି ଚଳିତ ବର୍ଷ ସକାଳ ୧୦ ଘଟିକା ସମୟରେ ଗ୍ରାମ ନିକଟ ନଦୀରୁ କଳସ ଆଣି ସ୍ଥାପନା କରି ରୀତି ନୀତି ଅନୁଯାୟୀ ଦିପୁ ନନା ପୂଜା ଅର୍ଚ୍ଚନା କାର୍ଯ୍ୟ ତୁଲାଉଥିବା ବେଳେ ସଂକଳ୍ପ କର୍ତା ଭାବେ ଅଭିମନ୍ୟୁ ଦାସ ଦାୟିତ୍ୱ ନିର୍ବାହ କ୍ୱରୁଛନ୍ତି । ଶ୍ରୀକୃଷ୍ଣ ଙ୍କ ଏହି ଜନ୍ମ ଉତ୍ସବରେ ଦିନବେଳା ବିଭିହ୍ନ ଖେଳ ମ୍ୟୁଜିକ ଚେୟାର, ଟିଣ ପିଟା, ହୁଲୁ ହୁଳି, ସାଧାରଣ ଜ୍ଞାନ ଭଳି ବିଭିହ୍ନ ମନୋରଞ୍ଜନ ପ୍ରତିଯୋଗିତା ଆୟୋଜିତ କରିଥିଲେ । ସନ୍ଧ୍ୟା ସମୟରେ ସାଂସ୍କୃତିକ ମଣ୍ଡପରେ ଜନ୍ମା ଅଷ୍ଟମୀ କମିଟି ମଣତା ଯୁବକ ମାନଙ୍କ ଦ୍ୱାରା ନାଚ ଗୀତର ବିଭିହ୍ନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।ଦ୍ୱିତୀୟ ଦିବସ ନନ୍ଦ ଉତ୍ସବ ପାଳନ କରିବା ସହ ଡାଇମଣ୍ଡ ଡ୍ୟାନ୍ସ ଗ୍ରୁପ ଯାଜପୁର କଳାକାର ମାନେ ନିଜେ ନିଜର ପ୍ରତିଭା ପ୍ରଦର୍ଶନ କରିବେ । ଏହି କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳା ପାଇଁ ଦିବ୍ୟରଞ୍ଜନ ଦାସ, ଅନିଲ କୁମାର ସେଠୀ, ବିଜୁ ନାଏକ, ସୁରେନ ନାଏକ, କ୍ଷିତୀଶ କୁମାର ପାତ୍ର, ଶୈଳେନ୍ଦ୍ର ନାଏକ ପ୍ରମୁଖ ପାଳନ କରିଛନ୍ତି ।

# ବୁଲାପ୍ରାଣୀଙ୍କ ପାଇଁ କନ୍ଧମାଳ ଜିଲ୍ଲା ପ୍ରଶାସନର ତତ୍ପରତା

କନ୍ଧମାଳ : (ହି.ସ.) ବୁଲାପ୍ରାଣୀ ସୁପରିଚାଳନା ନିମନ୍ତେ ପ୍ରାଣୀ ସମ୍ପଦ ବିକାଶ ବିଭାଗ, କନ୍ଧମାଳ ଆନୁକୁଲ୍ୟରେ ସଭାବନା ସଭାଗୃହ, ଫୁଲବାଣୀ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦ ଭୂଷଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପ୍ରାଣୀସମ୍ପଦ ବିକାଶ ଅଧିକାରୀ ଡଃ ଅଶୋକ ଚନ୍ଦ୍ର ପଣ୍ଡା ବୈଠକ ଉଦ୍ଦେଶ୍ୟ ଉପସ୍ଥାପନ ସହ ପରିଚାଳନା କରିଥିଲେ । ସହ- ପ୍ରାଣୀସମ୍ପଦ ବିକାଶ ଅଧିକାରୀ ଡଃ ଦିଗବିଜୟ ଗିରି ବିସ୍ତୃତ ଭାବରେ ଏକ ପି ପି ଟି ଉପସ୍ଥାପନ କରିଥିଲେ । ରାଜ୍ୟ ସରକାରଙ୍କ ବୁଲାପ୍ରାଣୀ ପରିଚାଳନା ପାଇଁ ରହିଥିବା ଯୋଜନା ଓ ସମ୍ପ୍ରତି କନ୍ଧମାଳ ଜିଲ୍ଲାରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ, କନ୍ଧମାଳ ଦ୍ୱାରା କରାଯାଉଥିବା ଉନ୍ନୟନ ବ୍ୟବସ୍ଥା ଉପସ୍ଥାପନ କରିଥିଲେ । ପ୍ରାଣୀ ସମ୍ପଦ ତାଲିମ ଅଧିକାରୀ ଡଃ ଅଳକା ପଟ୍ଟନାୟକ ବୁଲାପ୍ରାଣୀ ଙ୍କ ସଠିକ୍ ଥଇଥାନ ପାଇଁ ଆବଶ୍ୟକୀୟ ତାଲିମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଜିଲ୍ଲାପାଳ ଶ୍ରୀ ବେଦ ଭୂଷଣ ବୁଲା ଗାଈଗୋରୁଙ୍କ ମାଲିକଙ୍କୁ ସଚେତନ କରିବା ସହ ରେଡିଅମ୍ ବେଲ୍ଟ ବାନ୍ଧିବା ବାଧତାମୂଳକ ଭାବେ ପ୍ରୟୋଗ କରିବା ଓ କାଞ୍ଜିଆ ହୋଦାର ସଠିକ ପରିଚାଳନା ସହ ବୁଲା ଗୋରୁ କିପରି ଥଇଥାନ ହୋଇପାରିବେ ସେ ସମ୍ପର୍କରେ କହିଥିଲେ । ତତ୍ସହିତ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଓ ଟିକାକରଣ ନିମିନ୍ତ ପଦକ୍ଷେପ ପାଇଁ ଉପସ୍ଥାପନା ଦେଇଥିଲେ । ପ୍ରତ୍ୟେକ ଦିନ ମ୍ୟୁନିସିପାଲଟି ଦ୍ୱାରା ସଚେତନ ବାର୍ତାକୁ ସହର କୋଣ ଅନୁକୋଣରେ ପହଂଚାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶମ୍ଭୁନାଥ ନନ୍ଦୀ ପ୍ରାଣୀ ସମ୍ପଦ ରୁ ନିର୍ଗତ ଉପାଦାନ ଗୋବର କୁ ଉପଯୋଗ କରି କିପରି ଆର୍ଥିକ ସ୍ୱାବଲମ୍ବୀ ହେଇପାରିବ ସେ ସମ୍ବନ୍ଧରେ କହିଥିଲେ । ଫୁଲବାଣୀ ଉପ-ଜିଲ୍ଲାପାଳ ଶ୍ରୀ ଭିକାରୀ ସାହୁ ବୁଲାପ୍ରାଣୀଙ୍କ ସୁରକ୍ଷାର କଥା କହିଥିଲେ । ପଂଗବ୍ୟକୁ ପ୍ରକ୍ରିୟା କରଣକରି ଉତ୍ପାଦ ସୃଷ୍ଟି କରିଥିବା ଶ୍ରୀ ନିରଞ୍ଜନ ପାଣ୍ଡେ ଉପଯୋଗୀ ମତ ଦେଇଥିଲେ । ଫୁଲବାଣୀ ପୌରପାଳିକାର ଶ୍ରୀ ରସନ୍ କୁମାର ପ୍ରଧାନ, ଜୟପାଲ ବଳିଆର ସିଂ, ସଞ୍ଜୟ କୁମାର ବେହେରା ଯୋଗଦେଇ ପୌରପାଳିକା ଅଧିନସ୍ତ ଯୋଜନା ବା ସୁବିଧା କହିଥିଲେ । କିଛିଦିନ ହେବ "ଫିଡ୍-ଦ-ଭଏସଲେସ୍" ନାମକ ଏକ ଟିମ୍ ପ୍ରତ୍ୟେକଦିନ ରାତ୍ରିରେ ବୁଲାପ୍ରାଣୀଙ୍କୁ ଖାଦ୍ୟ ଦେବା ସହ ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ସହାୟତାରେ ରେଡିଅମ୍ ବେଲ୍ଟ, ଆବଶ୍ୟକୀୟ ଔଷଧ ଆଦି ସେବାକାର୍ଯ୍ୟ କରିଆସୁଛନ୍ତି । ସଂସ୍ଥାର ଆବାହକ ଶ୍ରୀ ଶିବ ସୁନ୍ଦର ସାହୁ ଓ ସଦସ୍ୟ ସୌରଭ ପଣ୍ଡା ଯୋଗଦେଇ ତାଙ୍କ ଯୁବ ସହଯୋଗୀଙ୍କ ସହ ମିଶି ଥଇଥାନ ତଥା ସୁରକ୍ଷାରେ ସମ୍ପୂର୍ଣ୍ଣ ସାହାଯ୍ୟ କରିବେ ବୋଲି ମତ ରଖିଥିଲେ । ଫୁଲବାଣୀ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅତିନିଲ ନାଇକା, ଆଂଚଳିକ ପରିବହନ ବିଭାଗ, ଫୁଲବାଣୀରୁ ପ୍ରଶାନ୍ତ କୁମାର ଦାସ, ସହ-ଜିଲ୍ଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାସ ବୈଠକରେ ଯୋଗ ଦେଇଥିଲେ । ସମସ୍ତଙ୍କୁ ଧନ୍ୟବାଦ ଦେଇ ବୈଠକ ସାଙ୍ଗ ହୋଇଥିଲା ।

# ସରସଦା ସ୍କୁଲ ପ୍ରତିଷ୍ଠାତା ପ୍ରଣାମ ଉତ୍ସବ ଓ ବୃକ୍ଷରୋପଣ

ଭଦ୍ରକ : (ହି.ସ.) - ସରସଦା ସରକାରୀ ଉଚ୍ଚ ବିଦ୍ୟାଳୟ ପୂଜ୍ୟ ପ୍ରତିଷ୍ଠାତା ପ୍ରଣାମ ଉତ୍ସବ ଓ ବୃକ୍ଷରୋପଣ ସମାରୋହ ପ୍ରଧାନ ଶିକ୍ଷକ ସୋମନାଥ ପାଢ଼ୀ ଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଭଣ୍ଡାରିପୋଖରୀ ବ୍ଲକ୍ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଜେନା ବିଦ୍ୟାଳୟ ପ୍ରତିଷ୍ଠାତା ଜଗନ୍ନାଥ ନାୟକ ଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟ ଅର୍ପଣ ଓ ଧୂପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ମୂଖ୍ୟ ଅତିଥି ଭାବେ ଡାକ୍ତର ସୁମନ୍ତ କୁମାର ରାଉଳ, ମୂଖ୍ୟ ବକ୍ତା ଭାବେ ପ୍ରାକ୍ତନ ବିଇଓ ଗଦାଧର ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ବିଦ୍ୟାଧର ସାହୁ,ଓଷ୍ଟାର ଜିଲ୍ଲା ସଭାପତି ଶଶି ଶେଖର ଶର୍ମା, ଶିକ୍ଷାବିତ କାର୍ତିକ ଚନ୍ଦ୍ର ସ୍ୱାଇଁ, ଶିଳ୍ପପତି ପ୍ରଦ୍ୟୁମ୍ନ କୁମାର ଜେନା,ଅଜୟ କୁମାର ନନ୍ଦ, ନଟବର ରାଉଳ, ସୁଧାକର ବେଜ,ଉଦକର ନାୟକ, ସମିତି ସଭ୍ୟା କମଳା ଜେନା , ଶଶି କରଣ ପ୍ରମୁଖ ଯୋଗ ଦେଇ ପ୍ରତିଷ୍ଠାତା ଜଗନ୍ନାଥ ନାୟକ ତଥା ସମସାମୟିକ ଶିକ୍ଷା ପ୍ରଣାମ ସୁପ୍ରତିଷ୍ଠାତା ମାନଙ୍କ ସ୍ମୃତି ଚାରଣ କରି କୃତଜ୍ଞତା ଅର୍ପଣ କରିଥିଲେ । ସବୁଜ ସୁନ୍ଦର ପୃଥିବୀ ପାଇଁ ୧୫୦ ବୃକ୍ଷ ରୋପଣ କରିଥିଲେ । ଶିକ୍ଷକ ସଂଜୟ ନନ୍ଦ ସ୍ୱାଗତ ଓ ଅତିଥି ପରିଚୟ ଶିକ୍ଷୟତ୍ରୀ ଭକ୍ତି ନୈବେଦ୍ୟ ସାମଲ ପୂଜ୍ୟ ପୂଜାର ଉଦେଶ୍ୟ ଜ୍ଞାପନ , ଶିକ୍ଷକ ବିକ୍ରମ ସୌରଭ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟତ୍ରୀ ଅର୍ଚ୍ଚନା ସ୍ୱାଇଁ,ସୁଜାତା ମଲ୍ଲିକ, ପ୍ରତିଭା ସେଠୀ, ସସ୍ମିତା ମହାନ୍ତି ବିଜୟଲକ୍ଷ୍ମୀ ପାତ୍ର, ବିନ୍ଦୁ ବର୍ଣାଳୀ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

# ଶିକ୍ଷକ: ଶିକ୍ଷାର ଶିଳ୍ପୀ, ସମ୍ଭାବନାର ସ୍ରଷ୍ଟା



ଜୟନ୍ତ ଚୌଧୁରୀ

କେହି ବି ସେହି ନିର୍ଦ୍ଦିଷ୍ଟ ଦିନଟିକୁ କେବେ ମନେ ରଖି ନଥାନ୍ତି, ଯେଉଁଦିନ ସେମାନେ ପ୍ରଥମ କରି ପଢ଼ିବା ଶିଖିଥିଲେ । କିନ୍ତୁ ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ସେହି ଶିକ୍ଷକଙ୍କୁ ମନେ ରଖିଥାନ୍ତି, ଯିଏ ତାଙ୍କୁ ପ୍ରଥମକରି କିଛି ଶିଖାଇଥିଲେ । ଭୁଲିଯିବା ଯୋଗ୍ୟ ମୁହୂର୍ତ୍ତ ଏବଂ ଅଭୁଲା ବ୍ୟକ୍ତିତ୍ୱ ମଧ୍ୟରେ ଥିବା ଏହି ଅସମାନତା, ଆମକୁ ଶିକ୍ଷାଦାନ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଥାଏ । ତାହା ହେଲା- ଜଣେ ଶିକ୍ଷକ ନିଜ ପଛରେ ଏପରି କିଛି ଛାଡ଼ିଯାଆନ୍ତି ଯାହାକୁ ସହଜରେ ମାପିହେବ ନାହିଁ; ସେ ଚେଷ୍ଟା କରିବାର ଆତ୍ମବିଶ୍ୱାସ ହେଉ ବା ନିରନ୍ତର ପ୍ରୟାସ କରିବାର ଶୃଙ୍ଖଳା, ପ୍ରଶ୍ନ କରିବାର ଜିଜ୍ଞାସା, ଅଥବା କେବେ କେବେ ସେହି ବିଶ୍ୱାସ ଯାହା ତାଙ୍କୁ ନିଜ କ୍ଷମତାଠାରୁ ଅଧିକ କିଛି କରିବାକୁ ଦେଉଥିବା ସାମର୍ଥ୍ୟ । ତେଣୁ, ଶିକ୍ଷାଦାନକୁ ଏକ କଳାଠାରୁ କମ୍ କିଛି ବୋଲି ବର୍ଗୀକୃତ କରାଯାଇ ପାରିବ ନାହିଁ । ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରତିବର୍ଷ ପ୍ରଦାନ କରାଯାଉଥିବା 'ଜାତୀୟ ଶିକ୍ଷକ ପୁରସ୍କାର', ସେହି କେତେଜଣ ମନୋନୀତ ଶିକ୍ଷକଙ୍କୁ ସମ୍ମାନିତ କରିଥାଏ, ଯେଉଁମାନଙ୍କର ଯୋଗଦାନ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ହୋଇଥାଏ । ତଥାପି, ଦେଶର ପ୍ରତ୍ୟେକ କୋଣରେ- ଶ୍ରେଣୀ ଗୃହ, ଦକ୍ଷତା ପ୍ରଶିକ୍ଷଣ ପାଠାଗାର, ପଲିଟେକ୍ନିକ୍, ଖେଳପଡ଼ିଆ ଏବଂ ସଙ୍ଗୀତ କକ୍ଷଗୁଡ଼ିକରେ, ଛାତ୍ରଛାତ୍ରୀମାନେ ନିଜ ନିଜ ଶିକ୍ଷକଙ୍କୁ ଧନ୍ୟବାଦ ଜଣାଇବାର ନିଜସ୍ୱ ଉପାୟ ଖୋଜିନିଅନ୍ତି । ସେ ଗୋଟିଏ ହାତଲେଖା ଚିଠି ହେଉ କି ସକାଳର ପ୍ରାର୍ଥନା ସଭାରେ ସମ୍ମାନର ସ୍ମୃତିଚାରଣର କରୁଥିବା ଏକ ଅବିସ୍ମରଣୀୟ ମୁହୂର୍ତ୍ତ; ଅଥବା ଏକ ନୀରବ କୃତଜ୍ଞତା ଯାହା ଦିନଟି ଶେଷ ହେବାର ବହୁ ସମୟ ପର୍ଯ୍ୟନ୍ତ ଶିକ୍ଷକଙ୍କ ସହ ରହିଥାଏ । ଏଗୁଡ଼ିକ କୌଣସି ଗୌଣ ଉତ୍ସବ ନୁହେଁ, ବରଂ ଅନେକ ଦୃଷ୍ଟିରୁ ଏସବୁ ହିଁ ଆମ ଶିକ୍ଷକଙ୍କ ପ୍ରତି ସବୁଠାରୁ ପ୍ରକୃଷ୍ଟ ସମ୍ମାନ । ତଥାପି, ତଥ୍ୟ ଆମକୁ ଏକ ସମାନ୍ତରାଳ ଚିନ୍ତାଜନକ କାହାଣୀ କହିଥାଏ । ଓଇସିଡିର 'ଶିକ୍ଷକ ଜ୍ଞାନ ସର୍ବେକ୍ଷଣ-୨୦୨୬' ଗୋଟିଏ ବିଷୟକୁ ଜାଣିବା ଏବଂ ତାହାକୁ ଶିକ୍ଷା ଦେବାର ଦକ୍ଷତା ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଇଥାଏ । ବିଷୟଗତ ଜ୍ଞାନ ସବୁବେଳେ ପ୍ରଭାବ ଶାଳୀ ଶିକ୍ଷାଦାନ ପଦ୍ଧତିରେ ରୂପାନ୍ତରିତ ହୋଇ ନ ଥାଏ ତାହା ଏହି ରିପୋର୍ଟରୁ ସ୍ପଷ୍ଟ ହୁଏ । ବିଷୟଟି ସରଳ କିନ୍ତୁ ଗୁରୁତ୍ୱପୂର୍ଣ୍ଣ, ତାହା ହେଲା କୌଣସି ବିଷୟକୁ ଗଭୀର ଭାବରେ ଜାଣିଦେଲେ ଯେ ତାହାକୁ ଅନ୍ୟ ଜଣଙ୍କୁ ଭଲ ଭାବେ ବୁଝାଇ, ଶିଖାଇ ହେବ ତାହା ଠିକ୍ ନୁହେଁ । ଏ ଦୁଇଟି ସମାନ ଦକ୍ଷତା ନୁହେଁ । ଶିକ୍ଷାଦାନ ହେଉଛି ଏକ କଳା, ଯେଉଁଠି ମାନବୀୟ ସମ୍ପର୍କ, ଶିକ୍ଷାଦାନ ଶୈଳୀ ଏବଂ ଶ୍ରେଣୀ ଗୃହ ନାଟକୀୟତାର କିଛି ବୁଝାମଣା ଆବଶ୍ୟକ । ୟୁନେସ୍କୋର ବିଶ୍ୱ ଶିକ୍ଷକ ରିପୋର୍ଟ- ୨୦୨୪, ଏହି ପେସାକୁ ଅବହେଳା କରିବାର ମୂଲ୍ୟ କେତେ ହୋଇପାରେ ତାହାର ଏକ ସଠିକ୍ ସଂଖ୍ୟା ଉପସ୍ଥାପନ କରେ । ୨୦୩୦ ସୁଦ୍ଧା ବିଶ୍ୱକୁ ଅତିରିକ୍ତ ୪୪ ନିୟୁତ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷକଙ୍କ ଆବଶ୍ୟକତା ରହିଛି ଏବଂ ସେଥିମଧ୍ୟରୁ ଅଧାରୁ ଅଧିକ ସେବା ନିବୃତ୍ତ ଶିକ୍ଷକମାନଙ୍କ ସ୍ଥାନ ପୂରଣ କରିବା ପାଇଁ ଜରୁରୀ । ଅପର ପକ୍ଷରେ, 'ମ୍ୟାକିନ୍ସି ଗ୍ଲୋବାଲ୍ ଇନଷ୍ଟିଚ୍ୟୁଟ୍' ଆକଳନ କରିଛି ଯେ ବିଭିନ୍ନ ପେସାରେ ସ୍ୱୟଂଚାଳନ ବା ଅଟୋମେସନ୍ ହେତୁ ୨୦୩୦ ସୁଦ୍ଧା ବିଶ୍ୱସ୍ତରରେ ସାଢ଼େ ୭ କୋଟିରୁ ୩୭.୫ କୋଟି କର୍ମଚାରୀଙ୍କୁ ସେମାନଙ୍କର ପେସାଗତ ବର୍ଗ ପରିବର୍ତ୍ତନ କରିବାକୁ ପଡ଼ିବ । ଏପରି ପରିସ୍ଥିତିରେ, ଦକ୍ଷ ଶିକ୍ଷକ ମାନଙ୍କର ମୂଲ୍ୟ ପୂର୍ବ ଅପେକ୍ଷା ଆହୁରି ଅଧିକ ହେବ । ଭାରତ ଏହି ଆହ୍ୱାନକୁ ସ୍ୱୀକାର କରିଛି ଏବଂ ଦୃଢ଼ ସଂକଳ୍ପ ସହ ଏହାର ମୁକାବିଲା କରୁଛି । ଜାତୀୟ ଶିକ୍ଷା ନୀତି- ୨୦୨୦ ଅନୁଯାୟୀ ଆରମ୍ଭ କରାଯାଇଥିବା ଚାରିବର୍ଷିଆ ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ବିଷୟଗତ ଦକ୍ଷତା ଏବଂ ଶିକ୍ଷାଦାନ ଶୈଳୀକୁ ଗୋଟିଏ ସ୍ନାତକ ଡିଗ୍ରୀ ମଧ୍ୟରେ ସାମିଲ କରୁଛି, ଯାହାଦ୍ୱାରା ଉତ୍ତମ ମେଧାବୀ ଛାତ୍ରଛାତ୍ରୀ ମାନେ ଶିକ୍ଷାଦାନ ପେସା ପ୍ରତି ଆକୃଷ୍ଟ ହୋଇପାରିବେ । କାର୍ଯ୍ୟରତ ଶିକ୍ଷକମାନଙ୍କ ମଧ୍ୟରେ ସମାନ ମାନଦଣ୍ଡ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ, ଶିକ୍ଷକମାନଙ୍କ ପାଇଁ ଜାତୀୟ ପେସାଦାର ମାନକ (ଏନ୍‌ପିଏସ୍ଟି) ପ୍ରସ୍ତୁତ କରାଯାଇଛି । ଏହା ଚାକିରିର ବରିଷ୍ଠତା ବଦଳରେ ପ୍ରମାଣିତ ଶିକ୍ଷାଦାନ ଏବଂ ଗୁଣବତ୍ତା ଆଧାରରେ ବୃତ୍ତିଗତ ପଦୋନ୍ନତିକୁ ଯୋଡ଼ିଛି । ବିଭିନ୍ନ କ୍ଷେତ୍ରରୁ ଶିକ୍ଷା ଗ୍ରହଣ କରିବାର ଲାଭ ନେବା ପାଇଁ, ଜାତୀୟ ମାର୍ଗଦର୍ଶକ ମିଶନ (ଏନଏମଏମ) ଶିକ୍ଷକମାନଙ୍କୁ ବିଭିନ୍ନ କ୍ଷେତ୍ରର ମାର୍ଗଦର୍ଶକ ମାନଙ୍କ ଠାରୁ ଶିଖିବା ପାଇଁ ଏକ ଢାଂଚାଗତ ସହାୟତା ପ୍ରଦାନ କରେ । ମୁଁ ମଧ୍ୟ ଏହି ମିଶନ୍ ପାଇଁ ଜଣେ ମାର୍ଗଦର୍ଶକ (ମେଂଟର) ଭାବରେ ପଞ୍ଜୀକୃତ ହୋଇଛି । ମାନ୍ୟବର ପ୍ରଧାନମନ୍ତ୍ରୀ ପ୍ରତିବର୍ଷ ଜାତୀୟ ପୁରସ୍କାର ବିଜେତା ମାନଙ୍କୁ କେବଳ ଶୁଭେଚ୍ଛା ଜଣାଇବା ପାଇଁ ନୁହେଁ, ବରଂ ସେମାନଙ୍କ କଥା ଶୁଣିବା, ମୂଳ ସ୍ତରରୁ ସେମାନଙ୍କ ଅନୁଭବ ଜାଣିବା ଏବଂ କେବଳ ନେତୃତ୍ୱ ନେବାର ଅନୁଭବରୁ ହିଁ ମିଳୁଥିବା ଦୃଷ୍ଟିକୋଣ ପ୍ରଦାନ କରିବା ପାଇଁ ସାକ୍ଷାତ କରନ୍ତି । ଶିକ୍ଷାଦାନ ହେଉଛି ଏକ ସୃଜନଶୀଳ କାର୍ଯ୍ୟ, ଏବଂ ବିଭିନ୍ନ କ୍ଷେତ୍ରରୁ ଜ୍ଞାନ ଆହରଣ ଏହି ସୃଜନଶୀଳତାକୁ ନୂତନତା ପ୍ରଦାନ କରିବାରେ ସାହାଯ୍ୟ କରେ । ଭାରତ ମଧ୍ୟ 'କିଏ ଶିକ୍ଷକ ଭାବେ ପରିଗଣିତ ହେବେ' ତାହାର ପରିସରକୁ ବିସ୍ତାର କରୁଛି, ଏବଂ ବୋଧହୁଏ ଏହା ହିଁ ସବୁଠାରୁ ନୂତନ ଓ ଅଭିନବ ଚିନ୍ତାଧାରା । ଏକ ସମାଜର ସମସ୍ତଙ୍କ ପାଇଁ ଜୀବନବ୍ୟାପୀ ବୁଝିବା କାର୍ଯ୍ୟକ୍ରମ 'ଉଲ୍ଲାସ', ନୂତନ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଭାବେ ପରିଚିତ । ଯେକୌଣସି ସାକ୍ଷର ବ୍ୟକ୍ତି ଜଣେ ନିରକ୍ଷରଙ୍କୁ ପଢ଼ାଇପାରିବେ- ଏହା ହେଉଛି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଚଳିତ ବର୍ଷ ଆମେ ଜାତୀୟ ସାକ୍ଷରତା ଦିବସ ପାଳନ କରୁଥିବା ବେଳେ, ଏହି କାର୍ଯ୍ୟକ୍ରମ ଅଧୀନରେ ନଅଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳକୁ ସମ୍ପୂର୍ଣ୍ଣ ସାକ୍ଷର ଭାବରେ ଘୋଷଣା କରାଯାଇଛି । ଏହି ଭାବନା ଶିକ୍ଷା ମନ୍ତ୍ରଣାଳୟର 'ବିଦ୍ୟାଞ୍ଜଳି' ପୋର୍ଟାଲରେ ଆହୁରି ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି । ଏହା ୮.୭୫ ଲକ୍ଷରୁ ଅଧିକ ସରକାରୀ ସ୍କୁଲକୁ ଏପରି ସ୍ୱେଚ୍ଛାସେବୀମାନଙ୍କ ସହ ଯୋଡ଼ିଥାଏ, ଯେଉଁମାନେ ନାଚ, ଗଣିତ, ବକ୍ତୃତା କିମ୍ବା ହସ୍ତକଳା କ୍ଷେତ୍ରରେ ନିଜର ଦକ୍ଷତାକୁ ଉପହାର ସ୍ୱରୂପ ଶ୍ରେଣୀଗୃହକୁ ନେଇଆସନ୍ତି । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣେ ଜଣେ ଶିକ୍ଷକ ଭାବରେ କାର୍ଯ୍ୟ କରନ୍ତି । ସେମାନେ ଆଣୁଥିବା ପ୍ରତ୍ୟେକ ବିଷୟକୁ ସମାନ ମୂଲ୍ୟ ଦିଆଯାଏ । କାରଣ ଏହାର ମୂଳରେ, ଶିକ୍ଷାଦାନ କୌଣସି ଯାନ୍ତ୍ରିକ କାର୍ଯ୍ୟ ନୁହେଁ ବରଂ ଏକ କଳା ତାହା ହିଁ ନିଦର୍ଶନ ହୋଇ ଠିଆ ହୋଇଛି । ପ୍ରତ୍ୟେକ ପାଠ୍ୟ ଯୋଜନା ଏକ ରଚନା । ପ୍ରତ୍ୟେକ ବୁଝାଇବାର ଶୈଳୀ ଏକ ପ୍ରଦର୍ଶନ । କୌଣସି କଳାକୃତି କେବେ କଳାକାର ମାନଙ୍କ ମଧ୍ୟରେ ପ୍ରଭେଦ ଦେଖେ ନାହିଁ, ତେଣୁ ଆମ ମନରେ ଥିବା ଯେ କୌଣସି ଉଚ୍ଚ-ନୀଚ ଭାବନାର ସମୀକ୍ଷା ହେବା ସହ ତାହାକୁ ଦୂର କରାଯିବା ଆବଶ୍ୟକ । କେତେବେଳେ ସଙ୍ଗୀତ ଶିକ୍ଷକ କିମ୍ବା ଶାରୀରିକ ଶିକ୍ଷା ଶିକ୍ଷକଙ୍କୁ ଅତିରିକ୍ତ ଏବଂ ଧନ୍ଦାମୂଳକ ପ୍ରଶିକ୍ଷକଙ୍କୁ ଶେଷ ବିକଳ୍ପ ଭାବରେ ବିଚାର କରାଯାଏ । ଏହି ବର୍ଗୀକରଣ କେବଳ ଏକ ଅନ୍ୟାୟ ନୁହେଁ, ବରଂ ତ୍ରୁଟିପୂର୍ଣ୍ଣ ମଧ୍ୟ । ଯେତେବେଳେ ପରୀକ୍ଷାର ଚାପ ବଢ଼ିଥାଏ, ସଙ୍ଗୀତ କିମ୍ବା ବ୍ୟାୟାମ ମନକୁ ଶାନ୍ତ କରିପାରେ, ଯାହା ପ୍ରସ୍ତୁତିରେ ସାହାଯ୍ୟ କରେ । ଭାରତର ବୃଦ୍ଧିପାଉଥିବା 'ଅରେଞ୍ଜ ଇକୋନୋମି' ସହିତ, ବିଭିନ୍ନ କଳା ଆଧୁନିକ ବିଶ୍ୱର ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା କ୍ଷେତ୍ରଗୁଡ଼ିକ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବ । ଯେହେତୁ କ୍ରୀଡ଼ା ବିଶ୍ୱବିଦ୍ୟାଳୟ ଗୁଡ଼ିକ ଗଢ଼ିଉଠୁଛି ଏବଂ ଜାତୀୟ ସ୍ତରରେ କ୍ରୀଡ଼ା ଭିତିଭୂମି ସମୃଦ୍ଧ ହେଉଛି, କ୍ରୀଡ଼ା କୋଚ୍ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରକୃତ ଜୀବିକାର ମାର୍ଗ ପ୍ରଶସ୍ତ କରିବେ । ସୂକ୍ଷ୍ମ ନିର୍ମାଣ ଶିଖାଉଥିବା ଆଇଟିଆଇ ପ୍ରଶିକ୍ଷକ ଏପରି ଦକ୍ଷତା ଗଢୁଛନ୍ତି ଯାହା ସେତୁ ନିର୍ମାଣ ଏବଂ ହସ୍ପିଟାଲଗୁଡ଼ିକୁ ମଜବୁତ କରିବାରେ ସାହାଯ୍ୟ କରୁଛି । ଅନ୍ୟଭାଷାରେ କହିଲେ ଏହା ରାଷ୍ଟ୍ର ନିର୍ମାଣର ଅନ୍ୟ ଏକ ରୂପ । ଯେଉଁ ଯୁଗରେ ମେସିନ୍ ସବୁ ପ୍ରକାର ପୂର୍ବାନୁମାନଯୋଗ୍ୟ କାର୍ଯ୍ୟ କରିବାକୁ ସକ୍ଷମ ହେଉଛି, ସେତେବେଳେ କେବଳ ମଣିଷ ଦ୍ୱାରା ହିଁ ସମ୍ଭବ ହେଉଥିବା ଅପରିବର୍ତନୀୟ କାର୍ଯ୍ୟଟି ରହିଯାଏ: ଜଣେ ଶିକ୍ଷକ, ଯିଏ ଛାତ୍ର ମଧ୍ୟରେ ଥିବା ସେହି ସମ୍ଭାବନାକୁ ଦେଖିପାରନ୍ତି ଯାହା ଛାତ୍ର ନିଜେ ମଧ୍ୟ ଦେଖିପାରି ନଥାଏ । ସେହି କାର୍ଯ୍ୟର କୌଣସି ଆଲଗୋରିଦମ୍ ନାହିଁ । ସ୍କୁଲ ଘଂଟି ବାଜିଲେ ଏହା ଶେଷ ହୋଇଯାଏ ନାହିଁ; ଏହା ଏହି ଦେଶର ପ୍ରତ୍ୟେକ ଅନୁଷ୍ଠାନର, ପ୍ରତ୍ୟେକ ବିଷୟର, ପ୍ରତ୍ୟେକ ଶିକ୍ଷକଙ୍କର ମହାନ ଅବଦାନ ଅଟେ । ଲାଟିନ୍‌ର ଏକ ପ୍ରସିଦ୍ଧ ଉକ୍ତି ଏହି ଭାବନାକୁ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରକାଶ କରେ "Non scholae sed vitae discimus." ଅର୍ଥାତ୍, ଆମେ ବିଦ୍ୟାଳୟ ପାଇଁ ନୁହେଁ, ଜୀବନ ପାଇଁ ଶିଖୁ । ଆଉ ଶିକ୍ଷକ ହେଉଛନ୍ତି ମାନବୀୟ ସମ୍ଭାବନାର ସେହି ପ୍ରକୃତ କଳାକାର, ଯିଏ ଜ୍ଞାନକୁ ଜୀବନର ଶିକ୍ଷାରେ ପରିଣତ କରନ୍ତି ଏବଂ ଜଣେ ମଣିଷ ନିଜ ଭିତରେ ଥିବା ଅସୀମ ସମ୍ଭାବନାକୁ ଚିହ୍ନିପାରିବାର ପଥକୁ ସୁଗମ କରନ୍ତି ।

***(ଲେଖକ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏବଂ ଦକ୍ଷତା ବିକାଶ ଓ ଉଦ୍ୟୋଗିତା ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଅଟନ୍ତି)***

# ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ

ଜଳେଶ୍ୱର(ନିପ୍ର): ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବ ସରରେ ଭାରତର ପୁରପଲ୍ଲୀରେ ଭାଦ୍ରବ ମାସ କୃଷ୍ଣ ଅଷ୍ଟମୀ ତିଥି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଭାବେ ମହା ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରାଯାଇଥାଏ । ଭକ୍ତ ମାନେ ବାଳ ଶ୍ରୀକୃଷ୍ଣଙ୍କୁ ଦୋଳିରେ ବସାଇ ଝୁଲା ଇବା ସହିତ ଏକ ହରିନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇ ଥିଲା । ଏହି ଉପଲକ୍ଷେ ଜଳେଶ୍ୱର ମ୍ୟୁନସୀ ପାଲିଟି ଅଧିନସ୍ଥ ପଥର ପୁରା ଶିବମନ୍ଦିର ପରିସରରେ ବିଶ୍ୱ ହିନ୍ଦୁ ପରିଷଦର ସ୍ଥାପନା ଦିବସ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ବ୍ରହ୍ମ ଲୀନ ବେଦାନ୍ତ କେଶରୀ, ପରମ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସ୍ୱରସ୍ୱତୀ ଙ୍କବଳିଦାନ ଦିବସ ପଥର ପୁରା ଗ୍ରାମ ମୁଖ୍ୟ ବନମାଳୀ ଧଳ ଅଧ୍ୟ କ୍ଷତା କରିଥିଲେ । ଅବସରରେ ମୁଖ୍ୟ ଅତିଥି ଜଳେଶ୍ୱର ବ୍ଲକ ସଭାପତି କପିଳେଶ୍ୱରର ମହନ୍ତି ଙ୍କ ସଂଚାଳନ ରେ ପ୍ରଭୁ ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ବାତାନ୍ତ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବରେ ଡ ଅଜିତ କୁମାର ମହାନ୍ତି ଭଗ ବାନ ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ର ବାତାନ୍ତ ଓ ଲକ୍ଷ୍ମଣା ନନ୍ଦ ସ୍ୱରସ୍ୱତୀଙ୍କ ଆଦିବାସୀ ଅଧୁସିତ କନ୍ଧମାଳ ରେ ଆଶ୍ରମ ପ୍ରତିଷ୍ଠା ସାଙ୍ଗକୁ ସଂସ୍କୃତ ଅନୁଷ୍ଠାନ କରି ଶିକ୍ଷା ରେ ବିକାଶ କରିବା ଆଧାତ୍ମିକତା ଭିତରେ ଜଗନ୍ନାଥ ସଂସ୍କୃତି ପ୍ରତିଷ୍ଠା କରିବା ସମ୍ପର୍କ ରେ ଆଲୋଚନା କରିଥିଲେ । ବିକାଶ କୁମାର ଧର, ପ୍ରାଣକୃଷ୍ଣ ଗିରି ପ୍ରଭାତି ସ୍ୱାମୀ ଲକ୍ଷ୍ମଣାନନ୍ଦ ସ୍ୱରସ୍ୱତୀ ଙ୍କ ତ୍ୟାଗମୟ ଜୀବନୀ ସମ୍ପର୍କ ରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମହେଶ୍ୱର ସେନା ପତି, ଗୋପିନାଥ ଧଳ, ରବିନ୍ଦ୍ର କୁମାର ପଣ୍ଡା, ସୁଶୀଲ ରଣା ଓ ପଥର ପୁରା ଗ୍ରାମବାସୀ ଦ୍ୱୟ ଉକ୍ତ କାଯ୍ୟକ୍ରମ ରେ ସହଯୋଗ ସହ ଅଂଶଗ୍ରହଣ କରିଥିଲେ ।

# ଗୁରୁ ଗୌରବ ସମ୍ମାନ ପ୍ରଦାନ



କଟକ(ନିପ୍ର): ଟାଉନ ହଲ୍ ଠାରେ ପଙ୍କଜିନୀ ପରିଡା ନେତୃତ୍ୱରେ ଉଦଘଟିକା ଭାବେ ସନ୍ୟାସୀନି ବିଦ୍ୟୁତ କୁମାରୀ ଲାଲା ମୁଖ୍ୟଅତିଥି ରୂପେ ଓଡ଼ିଶା ହାଇକୋର୍ଟର ଅଧିବକ୍ତା ପ୍ରଭାସ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବେ ଡାକ୍ତର ସ୍ମୃତିଲତା ସାହୁ ସମ୍ମାନନୀୟ ଅତିଥି ସୁଶ୍ରୀ ବ୍ରହ୍ମକୁମାରୀ ସରସ୍ୱତୀ ଦେବୀ ସମ୍ମାନନୀୟ ବକ୍ତା ରୂପେ ମୁଶ୍ରୀ ପୁଷ୍ପିତା ମହାପାତ୍ର ଯୋଗ ଦେଇ ୪୫ ଜଣ ବିଶିଷ୍ଟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ପ୍ରାରମ୍ଭରେ ସମ୍ପାଦକ ଚିତରଞ୍ଜନ ପରିଡା ସ୍ୱାଗତ ଭାଷଣ ଦେଇଥିବାବେଳେ ଉପଦେଷ୍ଟା ସୁଶ୍ରୀ ମମତା ମଞ୍ଜରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ସଭ୍ୟା ସ୍ୱାଗତିକା ସେନାପତି ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଭ୍ୟା ବିଶ୍ୱଜିତ ମହାପାତ୍ର, ଦୀପୁ ପ୍ରଦାନ, ରୋଜାଲିନ ବେହେରା, ରତ୍ନପର୍ଣ୍ଣା ଜେନା, ସଗୁନ୍ ନାୟକ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ଶିକ୍ଷକ ଡା. ଅସୀମ କୁମାର ଚକ୍ରବର୍ତୀ ସମ୍ବର୍ଦ୍ଧିତ



ବାରିପଦା(ନିପ୍ର): ଗୁରୁଦିବସ ଅବସରରେ ଜିଲ୍ଲା ଶିକ୍ଷା ସମନ୍ୱୟ ସମିତି ପକ୍ଷରୁ ବାରିପଦା ଲାଳବଜାରସ୍ଥିତ ଶିକ୍ଷକ ଭବନ ପରିସରରେ ଏକ ରକ୍ତଦାନ ଶିବିର ସହ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି । ଏହି ଅବସରରେ ଶିକ୍ଷା କ୍ଷେତ୍ର, ସମାଜସେବା ଓ ସାମ୍ବାଦିକତାରେ ଉଲ୍ଲେଖନୀୟ ଅବଦାନ ପାଇଁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସମାଜସେବୀ ଓ ସାମ୍ବାଦିକ ଡା. ଅସୀମ କୁମାର ଚକ୍ରବର୍ତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବାରିପଦା ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଡା. ଚକ୍ରବର୍ତୀ ଶିକ୍ଷାଦାନ ସହିତ ସମାଜସେବା ଓ ସାମ୍ବାଦିକତା କ୍ଷେତ୍ରରେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସିଛନ୍ତି । ତାଙ୍କର ଏହି ବହୁମୁଖୀ ଅବଦାନକୁ ସ୍ୱୀକୃତି ଦେଇ ଗ୍ଲୋବାଲ ଇଂଟରନେସନାଲ ଫାଉଣ୍ଡେସନ, ନାଗପୁର ପକ୍ଷରୁ ପ୍ରଦାନ କରାଯାଇଥିବା 'ଭାରତ ଭୂଷଣ ସମ୍ମାନ-୨୦୨୬'କୁ ଗୁରୁଦିବସ ଅବସରରେ ତାଙ୍କୁ ଔପଚାରିକ ଭାବେ ପ୍ରଦାନ କରାଯାଇଥିଲା । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଡା. ଚକ୍ରବର୍ତୀଙ୍କୁ ଏହି ସମ୍ମାନପତ୍ର ପ୍ରଦାନ କରିଥିଲେ । ଏଥିସହ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କୁ ସମ୍ମାନିତ କରାଯାଇଥିଲା । ଅବସରପ୍ରାପ୍ତ ହେବା ପରେ ମଧ୍ୟ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଜାରି ରହିଥିବାରୁ ଉପସ୍ଥିତ ଅତିଥିମାନେ ତାଙ୍କର କାର୍ଯ୍ୟଧାରାର ପ୍ରଶଂସା କରିଥିଲେ । ଉକ୍ତ ସଭାରେ ଜିଲ୍ଲା ଶିକ୍ଷା ସମନ୍ୱୟ ସମିତିର ସଭାପତି ବିମଳ ଆଚାର୍ଯ୍ୟଙ୍କ ସମେତ ବହୁ ଶିକ୍ଷକ, ଶିକ୍ଷାବିତ୍, ସମାଜସେବୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଗୁରୁଦିବସ ଅବସରରେ ଆୟୋଜିତ ରକ୍ତଦାନ ଶିବିର ମାଧ୍ୟମରେ ସମାଜ ପ୍ରତି ଦାୟିତ୍ୱବୋଧର ବାର୍ତା ମଧ୍ୟ ପ୍ରଦାନ କରାଯାଇଥିଲା । ଶିକ୍ଷକଙ୍କ ସେବା ଓ ତ୍ୟାଗକୁ ସମ୍ମାନ ଦେବା ସହ ସମାଜସେବାରେ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

# 'ସ୍ମୃତିରେ ବନମାଳୀ ବିଶ୍ୱାଳ' ଏକ ସ୍ମୃତିଚାରଣ ସଭା



ସିମୁଳିଆ(ନିପ୍ର): ପୂର୍ବତନ ସରପଂଚ ବନମାଳୀ ବିଶ୍ୱାଳଙ୍କ ଅକାଳ ବିୟୋଗରେ ତାଙ୍କ 'ସ୍ମୃତିରେ ବନମାଳୀ ବିଶ୍ୱାଳ' ଏକ ସ୍ମୃତିଚାରଣ ସଭା ବ୍ଲକ କଂଗ୍ରେସ ପକ୍ଷରୁ ମାର୍କୋଣା ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମା କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବତନ ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ସଭାପତି ନିରଞ୍ଜନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠି, ପୂର୍ବତନ ଅଧକ୍ଷ ଗୌରାଙ୍ଗ ଚନ୍ଦ୍ର ପତ୍ରୀ, କୈଳାସ ବାରିକ, କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ପୂର୍ବତନ ସରପଂଚ ଶରତ ଦାସ, ଅଣ୍ଡରାଇ ସମିତି ସଭ୍ୟ ଉତମ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାଲିକ, କଂଗ୍ରେସର ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ରମେଶ ଦାସ, ପ୍ରହଲ୍ଲାଦ ନାୟକ ପ୍ରମୁଖ ଉପସ୍ଥିତ ରହି ବନମାଳୀ ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସଭାରେ ସିମୁଳିଆ ନିର୍ବାଚନ ମଣ୍ଡଳୀର ବହୁ କଂଗ୍ରେସ କର୍ମୀ ଓ ବନମାଳୀ ବିଶ୍ୱାଳଙ୍କ ଭଲ ପାଉଥିବା ବନମାଳୀ ପ୍ରେମୀ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ ।

# ପ୍ଲାଷ୍ଟିକ୍ ମୁକ୍ତ 'ଆମ ଖାଦ୍ୟ, ଆମ ସଂସ୍କୃତି' ମହୋତ୍ସବ



ନୂଆପଡ଼ା(ନିପ୍ର): ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ନୂଆପଡ଼ା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ଆମ ଖାଦ୍ୟ, ଆମ ସଂସ୍କୃତି' ଶୀର୍ଷକ ଏକ ବିଶେଷ ପ୍ଲାଷ୍ଟିକ୍ ?ମୁକ୍ତ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପାରମ୍ପରିକ ଖାଦ୍ୟ ଓ ସଂସ୍କୃତିର ପ୍ରଚାର-ପ୍ରସାର ସହ ପରିବେଶ ସୁରକ୍ଷା ଏବଂ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ? ବ୍ୟବହାର ରୋକିବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅବସରରେ ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୬୫ ଜଣ ଅଧିକାରୀଙ୍କୁ ସମ୍ମାନିତ କରାଯାଇଛି । ନୂଆପଡ଼ାକୁ ବିଶ୍ୱସ୍ତରରେ ଏକ ପ୍ଲାଷ୍ଟିକ୍ ?ମୁକ୍ତ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବାକୁ ଜିଲ୍ଲାପାଳ କାର୍ଯ୍ୟକ୍ରମରେ ଆହ୍ୱାନ ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଳ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଉତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ବଲାଙ୍ଗୀର ଆ*ଳିକ କାର୍ଯ୍ୟାଳୟ)ର ଆ*ଳିକ ଅଧିକାରୀ ବବିତା ସିଂ, ରେଞ୍ଜ ଅଧିକାରୀ ଜୟଦେବ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ର ସଦସ୍ୟା ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ମହୋତ୍ସବରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ନୂଆପଡ଼ାର ପାରମ୍ପରିକ ଖାଦ୍ୟ ଓ ସ୍ଥାନୀୟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ ହୋଇଥିଲା ।





# ଅବସରପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ଶୀଘ୍ର ପେନସନ୍ ଯୋଜନା ଦାବି

ବ୍ରହ୍ମପୁର(ନି.ପ୍ର.): ରାଜ୍ୟର ଅବସରପ୍ରାପ୍ତ ଓ ଅବସର ନେବାକୁ ଥିବା ସାମ୍ବାଦିକମାନଙ୍କ ପାଇଁ ତୁରନ୍ତ ପେନସନ୍ ଯୋଜନା ଲାଗୁ କରିବାକୁ ସିନିୟର ଜର୍ନାଲିଷ୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଝଔଇଙ) ପୁଣିଥରେ ଦାବି କରିଛି । ଏଥିସହ ଓଡ଼ିଶା ହାଇକୋର୍ଟଙ୍କ ଅନୁକୂଳ ନିର୍ଦ୍ଦେଶ ଅନୁଯାୟୀ ଆଉ ବିଳମ୍ବ ନକରି ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ସଂଘ ଅନୁରୋଧ କରିଛି ।



ଦେଶର ପ୍ରାୟ ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଅବସରପ୍ରାପ୍ତ ଗଣମାଧ୍ୟମ କର୍ମୀଙ୍କ ପାଇଁ ପେନସନ୍ ଯୋଜନା କିମ୍ବା ଅନୁରୂପ ଆର୍ଥିକ ସହାୟତା ପ୍ରଚଳିତ ରହିଛି । ଦୀର୍ଘ ବର୍ଷ ଧରି ସେବା ପ୍ରଦାନ କରିଥିବା ସାମ୍ବାଦିକମାନଙ୍କ ଅବସର ପରବର୍ତୀ ସାମାଜିକ ସୁରକ୍ଷାର ଆବଶ୍ୟକତାକୁ ସ୍ୱୀକାର କରି ଏହି ବ୍ୟବସ୍ଥା କରାଯାଇଛି । ତେବେ ଓଡ଼ିଶାରେ ଏଯାବତ୍ ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ଅବସରକାଳୀନ ପେନସନ୍ ଯୋଜନା ଲାଗୁ ହୋଇନାହିଁ ।

ଝଔଇଙ ସଭାପତି କାହ୍ନୁ ଚରଣ ନନ୍ଦ କହିଛନ୍ତି ଯେ, ସାମ୍ବାଦିକମାନେ ନିଜ ଜୀବନର ଉତ୍ପାଦନଶୀଳ ସମୟକୁ ଜନସାଧାରଣଙ୍କୁ ସୂଚନା ପ୍ରଦାନ, ନାଗରିକ ସମସ୍ୟାକୁ ସାମ୍ନାକୁ ଆଣିବା ଏବଂ ଗଣତାନ୍ତ୍ରିକ ଅନୁଷ୍ଠାନକୁ ସୁଦୃଢ଼ କରିବାରେ ନିୟୋଜିତ କରିଥାନ୍ତି । ଅବସର ପରେ ସେମାନଙ୍କୁ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ଛାଡ଼ି ଦିଆଯିବା ଉଚିତ ନୁହେଁ ।

୨୦୨୨ ମସିହାରୁ ଏହି ଦାବି ନେଇ ସଂଘ ରାଜ୍ୟ ସରକାରଙ୍କ ସହ ଆଲୋଚନା ଓ ଯୋଗାଯୋଗ ଜାରି ରଖିଥିବା ବେଳେ ପରେ ବରିଷ୍ଠ ସାମ୍ବାଦିକମାନଙ୍କୁ ପେନସନ୍ ସୁବିଧା ପ୍ରଦାନ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଚଳିତ ବର୍ଷ ଜୁନ୍ ମାସରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ତିନି ମାସ ମଧ୍ୟରେ ଏ ସମ୍ପର୍କରେ ନୀତିଗତ ନିଷ୍ପତି ନେବାକୁ କହିଥିଲେ । ୬୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ସାମ୍ବାଦିକମାନଙ୍କୁ ମାସିକ ପେନସନ୍ ପ୍ରଦାନ ନେଇ ପ୍ରସ୍ତାବ ସରକାରଙ୍କ ସକ୍ରିୟ ବିଚାରାଧୀନ ଥିବା ହାଇକୋର୍ଟ ଦର୍ଶାଇଥିଲେ ବୋଲି କାହ୍ନୁ ଚରଣ ନନ୍ଦ କହିଛନ୍ତି ।ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଝଔଇଙ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଆରମ୍ଭ କରିବା ସହ ଯୋଗ୍ୟ ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ଏହି ସୁବିଧା ପ୍ରଦାନ ପାଇଁ ଏକ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ଦାବି କରିଛି ।ଏହି ଦାବି କେବଳ ଆର୍ଥିକ ସହାୟତା ପାଇଁ ନୁହେଁ, ବରଂ ଜନସ୍ୱାର୍ଥ ଓ ଗଣତନ୍ତ୍ରର ସୁଚାରୁ କାର୍ଯ୍ୟକାରିତା ପାଇଁ ନିଜର କର୍ମଜୀବନ ଉତ୍ସର୍ଗ କରିଥିବା ସାମ୍ବାଦିକମାନଙ୍କ ପ୍ରତି ସମ୍ମାନ, ମର୍ଯ୍ୟାଦା ଓ ସାମାଜିକ ସୁରକ୍ଷାର ପ୍ରଶ୍ନ ବୋଲି ସଂଘ କହିଛି ।ବ୍ରହ୍ମପୁର ଠାରେ ଆୟୋଜିତ ସଭାରେ ସୁନୀଲ ମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ । କେନ୍ଦ୍ରୀୟ ନେତୃତ୍ୱ ମଧ୍ୟରେ ଉପସଭାପତି ପ୍ରଦୀପ୍ତ ଚୌଧୁରୀ, ଉପଦେଷ୍ଟା ଦେବେନ୍ଦ୍ର ସିଂହ, କାର୍ଯ୍ୟକାରୀ ସଦସ୍ୟା ଦୀପ୍ତିମୟୀ କର, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା, ସଂଗଠନ ସମ୍ପାଦକ ବିପ୍ଳବ ମହାନ୍ତି, ଶରତ ବେହେରା, ଅଜିତ ପଣ୍ଡା, ରବି ନାରାୟଣ ମିଶ୍ର, ଜ୍ୟୋତିରଞ୍ଜନ ଦାସ, ଗରୁଡ଼ଧ୍ୱଜ ଚୌଧୁରୀ, ସ୍ୱରୂପ ଦାସ ପ୍ରମୁଖ ଉଦ୍ ?ବୋଧନ ଦେଇଥିଲେ । ପାଂଚଟି ଜିଲ୍ଲାରୁ ବରିଷ୍ଠ ସାମ୍ବାଦିକମାନେ ଏହି ବୈଠକରେ ଯୋଗ ଦେଇଥିଲେ । ପ୍ରଶାନ୍ତ କୁମାର ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଭୟ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନୀଲ ପାଢ଼ୀ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ।ଅବସରପ୍ରାପ୍ତ ସାମ୍ବାଦିକମାନଙ୍କ ପାଇଁ ପେନସନ୍ ଯୋଜନା ଶୀଘ୍ର ଲାଗୁ କରିବା ଦିଗରେ ରାଜ୍ୟ ସରକାର ସକାରାତ୍ମକ ପଦକ୍ଷେପ ନେବେ ବୋଲି ଝଔଇଙ ପ୍ରତିନିଧିମାନେ ଆଶା ପ୍ରକାଶ କରିଛନ୍ତି । ଓଡ଼ିଶାର ଅବସରପ୍ରାପ୍ତ ସାମ୍ବାଦିକମାନଙ୍କ ପାଇଁ ଏକ ପ୍ରଭାବୀ ସାମାଜିକ ସୁରକ୍ଷା ବ୍ୟବସ୍ଥା ପ୍ରତିଷ୍ଠା ନହେବା ପର୍ଯ୍ୟନ୍ତ ଏହି ଦାବି ଜାରି ରଖିବ ବୋଲି ସଂଘ ସ୍ପଷ୍ଟ କରିଛି ।

# ନୂତନ ଉଦ୍ଭାବନ ଓ ବୃତିଗତ ପ୍ରଶିକ୍ଷଣ ଓ ସାମୁଦାୟିକ ସଂପୃକ୍ତି କାର୍ଯ୍ୟକ୍ରମ

ନୀଳଗିରି , (ନି.ପ୍ର): ଜାତୀୟ ସେବା ଯୋଜନା (ଏନଏସଏସ) ଆନୁକୂଲ୍ୟରେ ନୀଳଗିରି ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଯୁକ୍ତ ୩ ର ୪ର୍ଥ ସେମିଷ୍ଟାର ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ଉଦ୍ଭାବନ ଓ ବୃତିଗତ ପ୍ରଶିକ୍ଷଣ ଓ ସାମୁଦାୟିକ ସଂପୃକ୍ତି କାର୍ଯ୍ୟକ୍ରମ ୨୦୨୫-୨୬ ଉଦ୍ଯାପିତ ହୋଇଯାଇଛି ।୨୦୨୦ ଜାତୀୟ ଶିକ୍ଷାନୀତି ଅଧୀନରେ ଉକ୍ତ କାର୍ଯ୍ୟକ୍ରମ ୭ ଦିନ ଧରି ଚାଲିଥିବା ବେଳେ ଗତ ୩ ତାରିଖରେ ସମାପନ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପୌରାହିତ୍ୟ ରେ ଉକ୍ତ କାର୍ଯ୍ୟକ୍ରମ ରେ ନୂତନ ଉଦ୍ଭାବନ ଓ ବୃତିଗତ ପ୍ରଶିକ୍ଷଣରେ ସାମୁଦାୟିକ ସଂପୃକ୍ତି କୁ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା । ଦ୍ୱେ ଉକ୍ତ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ନିଜ ପ୍ରତିଭାର ପରିଚୟ ଦେବା ସହିତ ଆଗାମୀ ଦିନରେ ନିଜକୁ ଆତ୍ମନିର୍ଭରଶୀଳ କରିବା ପାଇଁ ଯତ୍ନବାନ ହେବାକୁ



ଅଧାପକ ପ୍ରଦୀପ କୁମାର ମିଶ୍ର, ଅଧାପିକା ଜ୍ୟୋତିଶ୍ରୀ ପାଣି, ସୁରେନ୍ଦ୍ର ଗିରି ପରାମର୍ଶ ଦେଇଥିଲେ । ଅଧ୍ୟୟନ ରତ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ନମିତା ବେହେରା, ପୂଜା ଜେନା, ଗାୟତ୍ରୀ ଜେନା ହାସ୍ୟ ସ୍ମିତା ମିଶ୍ର, ଉର୍ବଶ୍ରୀ ବେହେରା, ସସ୍ମିତା ପଲେଇ ପ୍ରମୁଖ ନିଜନିଜର ପ୍ରଜେକ୍ଟ ପାଇଁ ପୁରସ୍କୃତ କରାଯାଇଥିବା ବେଳେ ଚତୁର୍ଥ ସେମିଷ୍ଟାର ରେ ଇନ୍[ନସିଭ ପେପର ରେ ଅଂଶଗ୍ରହଣ କରିଥିବା ଛାତ୍ର ଛାତ୍ରୀଙ୍କୁ ପ୍ରମାଣ ପତ୍ର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମ କୁ ପରିଚାଳନା କରୁଥିବା ଅଧାପିକା ମମତା ପ୍ରଧାନ ଙ୍କ ନେତୃତ୍ୱ ରେ କୌଶଳ ପ୍ରଦର୍ଶନ କରାଯାଇଥିଲା । ଶେଷରେ ଅଧାପକ ରତ୍ନାକର ଖୁଣ୍[ଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ କୁ ଅଧାପକ ହରିହର ଜେନା, ନିରଞ୍ଜନ ସନ୍ଧୀବିଗ୍ରହ, ସହକାରୀ ରମେଶ ଚନ୍ଦ୍ର ପାତ୍ର, ଦିଲ୍ଲୀପ ମହାପାତ୍ର ସଫଳ କରାଇବାରେ ସହଯୋଗ କରିଥିଲେ ।

# ଗଞ୍ଜାମ ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘ ତରଫରୁ ପରିଚୟପତ୍ର ବଂଟନ ଉତ୍ସବ ଓ ଗୁରୁପୂଜନ କାର୍ଯ୍ୟକ୍ରମ

ବ୍ରହ୍ମପୁର(ନି.ପ୍ର.):-ଓଡିଶା ନାଟ୍ୟ ନିର୍ଦ୍ଦେଶକ ସଂଘ ଗଂଜାମ ଶାଖା ତରଫରୁ ଶନିବାର ‘ପରିଚୟପତ୍ର ବ[ନ ଉତ୍ସବ’ ସହିତ ଗୁରୁପୂଜନ କାର୍ଯ୍ୟକ୍ରମ ମହା ଆଡମ୍ବରର ସହକାରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ରାଜଗୋପାଳ ପାଢ଼ୀଙ୍କ ଅଧକ୍ଷତା ଓ ବଳିଷ୍ଠ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତଗଞ୍ଜାମ ଜିଲ୍ଲାର ଶତାଧିକ ନାଟ୍ୟ ଗୁରୁଙ୍କୁ ସମ୍ମାନ ସହ ଗୁରୁପୂଜା କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ,ବାଲାଜି ବିଷୋୟୀ , ଟି.ଉମାପତି ପ୍ରମୂଖ ଭାରତୀୟ ଜୀବନ ବିମାର ଅଭିକର୍ତା ,ଖୋର୍ଦ୍ଧା ସଂଗଠନର ସଭାପତି ବିଭୁପ୍ରସାଦ ମହାପାତ୍ର,ପ୍ରସନ୍ନ ମିଶ୍ର, ବାବୁଲା ମହାପାତ୍ର ପ୍ରମୂଖ ଅତିଥି ଭାବେ ଉପସ୍ଥିତ ରହି ନାଟ୍ୟଗୁରୁ



ମାନଙ୍କୁସିନ୍ଦୁର ଚନ୍ଦନ ଲେପ ସହ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧନା ଦେବାପରେ ଗଞ୍ଜାମ ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘର ସଦସ୍ୟତା ନେଇଥିବା ସମସ୍ତ ନାଟ୍ୟଗୁରୁ ମାନଙ୍କୁ ସଂଘର ପରିଚୟ ପତ୍ର ନିଶୁଳ୍କ ବ[ନ କରାଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ନାଥ ଗୌଡ଼ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଘ କୋଷାଧକ୍ଷ ଭବାନୀ ଶଙ୍କର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ଉପଦେଷ୍ଟା ମଦନ ମିଶ୍ର,ଉପସଭାପତି ଟୁଟୁପାଢ଼ୀ,ସହ-ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା,ଜିଲ୍ଲା ଉପଦେଷ୍ଟା ରମେଶ ମହାରଣା, ସମ୍ପାଦକ ଭାସ୍କର ସେନାପତି,କୋଷାଧକ୍ଷ ଗୌତମ ବାଢ଼ତ୍ୟା, ସହ-ସମ୍ପାଦକ ନବୀନ ହୋତା ପ୍ରମୁଖଙ୍କ ସହ ଗଞ୍ଜାମ ଜିଲ୍ଲାର ଶତାଧିକ ନାଟ୍ୟ ନିର୍ଦ୍ଦେଶକ ଉପସ୍ଥିତ ରହି ସଂଘ ପ୍ରତି ନିଷ୍ଠା ଓ ଆନୁଗତ୍ୟ ରଖି କାର୍ଯ୍ୟ କରିବୁ ଘୋଷଣାନାମା ଦେଇଥିଲେ । କାର୍ଯ୍ୟକ୍ରମରେ ସସ୍ମିତା ରାଣୀ ରାଉତ,ସ୍ୱିଟି ମହାନ୍ତି ଓ ନିବେଦିତା ପ୍ରଧାନ ପ୍ରମୂଖ ଗୁରୁପୂଜନ କାର୍ଯ୍ୟକ୍ରମରେ ବିଶେଷ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ରେ ଗଞ୍ଜାମ ଜିଲ୍ଲାର ଶତାଧିକ ନାଟ୍ୟ ନିର୍ଦ୍ଦେଶକ ଯୋଗଦେଇଥିଲେ ।

# ଖଡିଆଳ କୋଶଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଧୂମଧାମରେ ପାଳିତ ହେଲା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ

ନୂଆପଡ଼ା,(ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ସ୍ଥିତ ପ୍ରସିଦ୍ଧ କୋଶଳେଶ୍ୱର ମନ୍ଦିର ପରିସରରେ ଥିବା ରାଧାକୃଷ୍ଣ ମନ୍ଦିରରେ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ ହୋଇଯାଇଛି । ଖଡିଆଳ ନଗରପାଳ ଓ ମନ୍ଦିର ପରିଚାଳନା କମିଟିର ମିଳିତ ଆୟୋଜନରେ ଏହି ପର୍ବ ଅତ୍ୟନ୍ତ ଉତ୍ସାହ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଶ୍ରୀକୃଷ୍ଣଙ୍କ ଜନ୍ମ ବୃତାନ୍ତ ଅନୁସାରେ, ଦ୍ୱାପର ଯୁଗରେ ଅସୁର ରାଜା କଂସର ଅତ୍ୟାଚାରରୁ ପୃଥିବୀକୁ ମୁକ୍ତ କରିବା ଏବଂ ଧର୍ମର ସଂସ୍ଥାପନା ପାଇଁ ଭଗବାନ ବିଷ୍ଣୁ ମାତା ଦେବକୀ ଓ ପିତା ବସୁଦେବଙ୍କ ମାଧ୍ୟମରେ କାରାଗାରରେ ଶ୍ରୀକୃଷ୍ଣ ରୂପେ ଅବତାର ଗ୍ରହଣ କରିଥିଲେ । ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିର ମଧ୍ୟରାତ୍ରିରେ ରୋହିଣୀ ନକ୍ଷତ୍ରରେ ପ୍ରଭୁ ଆବିର୍ଭୂତ ହୋଇଥିଲେ ।ଏହି ପବିତ୍ର ଅବସରରେ ଖଡିଆଳ କୋଶଳେଶ୍ୱର ମନ୍ଦିରରେ ସ୍ଥାନୀୟ ଶ୍ରଦ୍ଧାଳୁ, ମାତା ଓ ଭକ୍ତଗଣ ନିଷ୍ଠାର ସହ ଉପବାସ ରହି ପାରମ୍ପରିକ ରୀତିନୀତି ଅନୁସାରେ କୃଷ୍ଣ ଜନ୍ମ ପୂଜାର୍ଚ୍ଚନା କରିଥିଲେ । ମନ୍ଦିର ପ୍ରାଙ୍ଗଣ ହରିବୋଲ ଓ ହୁଳହୁଳି ଧ୍ୱନିରେ କମ୍ପିତ ହୋଇଉଠିଥିଲା । ଆସନ୍ତାକାଲି ମନ୍ଦିର ପରିସରରେ ମହା ଆଡମ୍ବରରେ ‘ନନ୍ଦ ଉତ୍ସବ’ ପାଳନ କରାଯିବ । ଏହି ଅବସରରେ ବହୁସଂଖ୍ୟାରେ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଥିବା ବେଳେ ସନ୍ଧ୍ୟାରେ ଏକ ମନୋଜ୍ଞ ଭଜନ ସମାରୋହର ଆୟୋଜନ କରାଯାଇଛି ।

# ସୋର ଫୁଟ୍‌ବଲ ଆସୋସିଏସନର ବୈଠକ

ସୋର,(ନି.ପ୍ର.) ସୋର ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ଆଗାମୀ ମମତାଜ ହୋସେନ୍ ଫୁଟବଲ ଟୁର୍ଣ୍ଣାମେ[ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ରୟାଲ ହୋଟେଲ ସଭାଗୃହରେ



ଆସୋସିଏସନର ସଭାପତି ଅଶୋକ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ଡିସେମ୍ବର ୧୬ ରୁ ୨୦ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଫୁଟବଲ ଟୁର୍ଣ୍ଣାମେ[ରେ ଓଡ଼ିଶାର ୩ଟି ଟିମ୍ ଏବଂ ବାହାର ରାଜ୍ୟରୁ ୩ଟି ଟିମ୍ ଯୋଗଦେବା ପାଇଁ ନିଷ୍ପତି ନିଆଯାଇଥିଲା । ଉକ୍ତ ବୈଠକରେ ସଂପାଦକ ସୌମ୍ୟଶାନ୍ତ ଅମୃତ ପଟ୍ଟନାୟକ, ଶଙ୍କର କୁମାର ବାନାର୍ଜୀ, ଖାଲିବ୍ ହୋସେନ, ସେକ୍ ସୁଲତାନ, ପ୍ରଫୁଲ୍ଲ କୁମାର ଦାସ, ମହେଶ୍ୱର ପତି, ଉତମ ବାରିକ, ସୁନାରାମ ସୋରେନ୍ ?, ରାଧାକୃଷ୍ଣ ମହାପାତ୍ର, ବୀରେନ୍ଦ୍ର ସେଣ, ଚେମେଇ ଦାସ, ମହେଶ୍ୱର ପଣ୍ଡା, ସେକ୍ ସୁଲତାନ, ମନୋଜ ରାୟ, ଅକ୍ଷେନ୍ଦ୍ର ଉପାଧାୟ, ଅଜିତ କୁମାର ନାୟକ, ଶରତ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଶେଷରେ ମହେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ ।

# କୋମନା ଜମି ଜାଲିଆତି: ନକଲି ମାଲିକ ଓ ଦଲାଲଙ୍କ ସମେତ ୪ ଗିରଫ, କୋର୍ଟ ଚାଲାଣ

ନୂଆପଡ଼ା (ନି. ପ): ନୂଆପଡ଼ା ଜିଲ୍ଲା କୋମନା ତହସିଲ ଅନ୍ତର୍ଗତ ଚାନ୍ଦୋପଲା ଗ୍ରାମରେ ଘଟିଥିବା ବହୁ ଚର୍ଚ୍ଚିତ ଜମି ଜାଲିଆତି ମାମଲାରେ କୋମନା ପୋଲିସକୁ ବଡ଼ ସଫଳତା ମିଳିଛି । ନକଲି ଜମି ମାଲିକ, ତାଙ୍କ ଭଉଣୀ ସାଜିଥିବା ମହିଳା ଏବଂ ଦୁଇ ଜଣ ଜମି ଦଲାଲଙ୍କ ସମେତ ମୋଟ ୪ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ।ମିଳିଥିବା ସୂଚନା ଅନୁସାରେ, କୋମନା ବ୍ଲକ ଚାନ୍ଦୋପଲା ଗ୍ରାମର ସତ୍ୟନାରାୟଣ ପ୍ରଧାନୀ ଓ ତାଙ୍କ ଭଉଣୀ କୁମୁଦିନୀଙ୍କ ନାମରେ ଥିବା ୪ ଏକର ୪୦ ଡିସିମିଲ ଜମିକୁ କିଛି ଦୁର୍ବୃତ ଜାଲିଆତି କରି ବିକ୍ରି କରିଦେଇଥିଲେ । ଧାନ ବିକ୍ରି ପାଇଁ ମଣ୍ଡି ପଞ୍ଜୀକରଣ କରିବା ସମୟରେ ପ୍ରକୃତ ଜମି ମାଲିକ ସତ୍ୟନାରାୟଣ ଏହି ଜାଲିଆତି ବିଷୟରେ ଜାଣିବାକୁ ପାଇଥିଲେ । ଏହାପରେ ପ୍ରକୃତ ମାଲିକ ନିଜେ ନକଲି ଜମି ମାଲିକଙ୍କୁ କାବୁ କରି



କୋମନା ଥାନାରେ ଜିମା ଦେବା ସହ ଏକ ଲିଖିତ ଅଭିଯୋଗ କରିଥିଲେ ।

ଅଭିଯୋଗକୁ ଭିତି କରି କୋମନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଓ ପଚରାଉଚୁରା ଆରମ୍ଭ କରିଥିଲା । ପୋଲିସର ତଦନ୍ତରୁ ସ୍ପଷ୍ଟ ହୋଇଛି ଯେ, ଛତିଶଗଡ଼ ଅଂଚଳର ଗୋହେରାପଦର (ଗୁଡ଼ଭେଲି) ଗ୍ରାମର ଡୁମାଲ ରଣା ନିଜକୁ ନକଲି ‘ସତ୍ୟ ପ୍ରଧାନୀ’ ଭାବେ ପରିଚୟ ଦେଇ ଜମି ବିକ୍ରି କରିଥିଲେ । ସେହିପରି କୋମନା ଥାନା ଦେଓଦରା ଗ୍ରାମର ଦେଓମତୀ ମାଝୀ, ସତ୍ୟଙ୍କ ଭଉଣୀ ସାଜି ଏହି ଜାଲିଆତିରେ ସାମିଲ ହୋଇଥିଲେ ।

ଏହି ସମ୍ପୂର୍ଣ୍ଣ ଜମି ଚୋରି ଓ ଜାଲିଆତି ଘଟଣାରେ ମୁଖ୍ୟ କାର୍ପଟଦାର ସାଜିଥିବା ଦୁଇ ଜଣ ଜମି ଦଲାଲ—ଷୋଳବନ୍ଧ ଗ୍ରାମର ଦୁର୍ଲ୍ଲଭ ନିଆଲ ଏବଂ ସମରସିଂ ଗ୍ରାମର ତୁଳସୀ ରଣାଙ୍କୁ ମଧ୍ୟ ପୋଲିସ ଗିରଫ କରିଛି । ସମସ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ଆଜି କୋର୍ଟ ଚାଲାଣ କରାଯାଇଥିବା ନେଇ ପୋଲିସ ସୂଚନା ଦେଇଛି ।

# ଇ ଜେ ଭି ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ହୋଟେଲ ଗ୍ରାଣ୍ଡ ସୀତା ଠାରେ ଗୁରୁଦିବସ ପାଳନ




ଝାରସୁଗୁଡ଼ା(ନି.ପ୍ର.) ପୂର୍ବ ରୁ ହୋଇ ଥିବା ଜିଲ୍ଲା ସ୍ତରୀୟ ବିଭିନ୍ନ ପ୍ରତଯୋଗୀତା ମାନଙ୍କ ର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ ସହିତ ବିଶିଷ୍ଟ ଗୁରୁ ମାନଙ୍କୁ ମଂଚାସୀନ ଓ ସମ୍ମାନିତ କରାଯାଇଥିଲା, ଏହି ଅବସର ରେ ଲାଇକେରା ଗୋଷ୍ଠି ଶିକ୍ଷାଧିକାରୀ ହିମାଂଶୁ ବାଗ ଯୋଗ ଦେଇଥିବା ବେଳେ, ବ୍ରଜ ରାଜ ନଗର ର ଅବସର ପ୍ରାପ୍ତ ଅଧକ୍ଷ ଶରତ ଚନ୍ଦ୍ର ଚୌଧୁରୀ ଙ୍କ ସହ ଜେ ଏସ ଡବ୍ଲୁ ଅଧିକାରୀ ବିଶାଳ ରାଜ ଯୋଗ ଦେଇଥିଲେ, ହିମାଂଶୁ ବାଗ ଗୁରୁ ଓ ଶିଷ୍ୟ ଙ୍କ ପରମ୍ପରା ବାବଦ ରେ ବିସ୍ତୃତ ଭାବେ ଅବଲୋକନ କରାଇଥିଲେ, ଡା ଶରତ ଚନ୍ଦ୍ର ଯୁବ ପିଢ଼ି (ଛାତ୍ର ସମାଜ )କୁ ପଥ ଗାମୀ ନ ହୋଇ ଶୁ ପଥ ଗାମୀ କିପରି ହୋଇ ପାରିବେ ସେଇ ବାବଦ ରେ ଉପଦେଶ ଦେଇଥିଲେ, ସେଇଭଳି ଜେ ଏସ ଡବ୍ଲୁ ର ଅଧିକାରୀ ଇ ଜେ ଭି ଫାଉଣ୍ଡେସନ ର ମହତ ଉଦେଶ୍ୟ ବାବଦ ରେ ବିସ୍ତୃତ ଆଲୋଚନା କରିଥିଲେ, ସଭାନେତ୍ରୀ ମାନସୀ ପଣ୍ଡା ସ୍ୱାଗତ ଅଭିଭାଷଣ ରେ ମଂଚାସୀନ ସମସ୍ତ ଗୁରୁ ଓ ମଂଚ ସମ୍ମୁଖରେ ରେ ଉପସ୍ଥିତ ସମସ୍ତ ଗୁରୁ ମାନଙ୍କୁ ପୁଷ୍ପଗୁଚ୍ଛ ସହିତ ଭାଷଣ ରେ ସ୍ୱାଗତ କରିଥିଲେ, ପୂର୍ବ ପ୍ରତିଯୋଗିତା ର ପ୍ରତିଯୋଗୀ ମାନଙ୍କୁ ଓ ବିଚାରକ ମାନଙ୍କୁ ବିଶେଷ ଭାବେ ସ୍ମୃତି ଚିହ୍ନ ଦ୍ୱାରା ସମ୍ମାନିତ କରାଗଲା, ସମ୍ପାଦିକା ପୁନମ ପଟେଲ ବିସ୍ତୃତ ବିବରଣୀ ପାଠ କରିଥିଲେ, ଇ ଜେ ଭି ଶିକ୍ଷକତା ବୃତି ରେ ଥିବା ଗୁରୁ, ଲିପି ପୁଷ୍ପା ରାୟ, ସଂଯୁକ୍ତା ମେହେର,ମିନା ସୋନି,ଗଙ୍ଗାଧର ମେହେର ଇତ୍ୟାଦି ଙ୍କୁ ବିଶିଷ୍ଟ ଗୁରୁ ଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା,ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ ମଂଚ ସଂଚାଳନ କରିଥିବା ବେଳେ, ଅଞ୍ଜଳି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ, କାଯ୍ୟକ୍ରମ କୁ ଦୀପ୍ତି ବେହେରା, ମିତୁ ପଣ୍ଡା, ପ୍ରିୟା ରାୟ, ହେମଲତା ମେହେର, ବିନ୍ଦିୟା ନାୟକ, ସସ୍ମିତା ପଟେଲ, ସୁରଭି ପଟେଲ, ଶୋଭନା ମହାପାତ୍ର ଆଦି ସଦସ୍ୟା ମାନେ କାଯ୍ୟକ୍ରମ କୁ ଶୁ ପରି ଚାଳନା କରିଥିଲେ,ଏହି ଅବସର ରେ ସହର ର ଅନେକ ଗୁରୁ, ବୁଦ୍ଧିଜୀବୀ, ଓ ବରିଷ୍ଠ ନାଗରିକ ଯୋଗ ଦାନ କରି କାର୍ଯ୍ୟକ୍ରମ କୁ ଉତ୍ସବ ମୁଖାର କରିବା ସହ, ଏହି ଭଳି କାଯ୍ୟକ୍ରମ କୁ ପ୍ରଶଂସା କରିଥିଲେ ।

# ସିନ୍ଧୁଆ ଡ୍ୟାମରେ ୟୁଟ୍ୟୁବର ସେବା ପରିବାର ପକ୍ଷରୁ ବୃକ୍ଷରୋପଣ

ସୋର, (ନି.ପ୍ର.)ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ଲକ୍ଷ୍ୟରେ ସୋରସ୍ଥିତ ସିନ୍ଧୁଆ ଡ୍ୟାମ ପରିସରରେ ୟୁଟ୍ୟୁବର ସେବା ପରିବାର ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଡ୍ୟାମ ଚାରିପାଖରେ ଆମ୍ବ, ଜାମୁ ଓ ତାଳ ଭଳି ବିଭିନ୍ନ ପ୍ରଜାତିର ୫୦ରୁ ଊର୍ଦ୍ଧ୍ୱ ଗଛ ରୋପଣ କରାଯାଇଛି । ବିଶେଷକରି ବଜ୍ରପାତ ଓ ଘଡ଼ଘଡ଼ିରୁ ସୁରକ୍ଷା ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ତାଳଗଛ ରୋପଣକୁ ଗୁରୁତ୍ୱ ଦିଆଯାଇଥିବାରୁ ଏହି ପଦକ୍ଷେପ ଏକ ନିଆରା ଉଦାହରଣ ସୃଷ୍ଟି କରିଛି । ସେବା ପରିବାରର ସଭାପତି ଗୌରୀଶଙ୍କର ସିଂ, ସମ୍ପାଦକ ସଞ୍ଜୟ କୁମାର ନାୟକ ଓ ସଞ୍ଜୟ ଦାସଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ-ସଦସ୍ୟା ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଶ୍ରୀ ଶ୍ରୀ ରାଧା ଶ୍ୟାମ ସୁନ୍ଦର ଗୌଡ଼ୀୟ ମଠରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ

ନୀଳଗିରି,ନି.ପ୍ର)ନୀଳଗିରି ବସ ଷ୍ଟାଣ୍ଡ ନିକଟସ୍ଥ ଶ୍ରୀ ଶ୍ରୀ ରାଧା ଶ୍ୟାମ ସୁନ୍ଦର ଗୌଡିୟ ମଠ ରେ ଦୁଇ ଦିନ ଧରି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇ ଯାଇଛି ।ଏଥି ନିମନ୍ତେ ଆୟୋଜିତ ଶ୍ରୀକୃଷ୍ଣ ଜନ୍ମ ବା ଜନ୍ମାଷ୍ଟମୀ ଉତ୍ସବ କୁ ୪ ତାରିଖ ଅର୍ଦ୍ଧ ରାତ୍ରୀ ରୁ ଭୋର ପର୍ଯ୍ୟନ୍ତ ଅତ୍ୟନ୍ତ ଧୁମ୍ ଧାମରେ ପାଳନ କରାଯାଇ ଥିଲା । ଶହ ଶହ କୃଷ୍ଣ ପ୍ରେମୀ ଶ୍ରଦ୍ଧାଳୁ ଭଜନ କୀର୍ତନ କରି ଶିଶୁ କୃଷ୍ଣ ଙ୍କୁ ସ୍ୱାଗତ କରିଥିଲେ । ପୌରାଣିକ ଗାଥା ଅନୁଯାୟୀ ଘନ ଘୋର ବର୍ଷା ରାତ୍ରୀରେ ଉଛୁଳି ପଡୁଥିବା ଯମୁନା ନଦୀ କୁ ପିତା ବାସୁଦେବ ଅତିକ୍ରମ କରି ନନ୍ଦ ଘରେ ବାଳୁତ କୃଷ୍ଣ ଙ୍କୁ ଛାଡି ଦେଇ ଆସିଥିଲେ ।ତହିଁ ପରଦିନ ଗୋପ ପୁର ରେ ନନ୍ଦ ଙ୍କ ର ପୁତ୍ର ଲାଭ ଖବର ବିଜୁଳି ବେଗ ରେ ସର୍ବତ୍ର ପ୍ରଚାରିତ ହୋଇଥିଲା ।ଏହାକୁ ଆନନ୍ଦ ମୟ କରିବା ପାଇଁ ନନ୍ଦ ଉତ୍ସବ ପାଳନ କରାଯାଇ ଥିଲା ।ସେହି କଥା କୁ ।



ଉଜ୍ଜୀବିତ କରି ବା ଲକ୍ଷ୍ୟ ନେଇ ,ଉକ୍ତ ଉତ୍ସବ କୁ ପ୍ରାୟ ଭାରତ ର ଘରେ ପାଳନ କରିଥାନ୍ତି ।ଏଠାରେ ଶ୍ରୀ ଶ୍ରୀ ରାଧା ଶ୍ୟାମ ସୁନ୍ଦର ଗୌଢ଼ିୟ ମଠ ର ମଠାଧିସ ଶ୍ରୀ ଶ୍ରୀମଦ୍ ଭକ୍ତି ବୈଭବ ବୈଷ୍ଣବ ମହାରାଜ ଙ୍କ ମାର୍ଗ ଦର୍ଶନ ରେ ସର୍ବ ଶ୍ରୀ ମାଧବ ପ୍ରଭୋ,ଶ୍ରୀ ଶ୍ୟାମାନନ୍ଦ ପ୍ରଭୁ,ଶ୍ରୀ ଦୀନବନ୍ଧୁ ପ୍ରଭୁ,ଶ୍ରୀ ସତ୍ୟ କୃଷ୍ଣ ପ୍ରଭୋ, ଶ୍ରୀଦାମୋଦର ପ୍ରଭୁ,ଶ୍ରୀ ଜିତୁ ପ୍ରଭୁ ଙ୍କ ସମେତ ମୁନା,ବିରେନ୍ଦ୍ର,ରାମ ପ୍ରସାଦ ଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉକ୍ତ ଉତ୍ସବ ରେ ଅଂଶ ଗ୍ରହଣ କରି ନିଜକୁ ଭାଗ୍ୟବାନ ମନେ କରୁଥିବା କହିଛନ୍ତି । ଦ୍ୱିତୀୟ ଦିନ ନନ୍ଦ ଉତ୍ସବ ରେ ସହସ୍ରାଧିକ ଶ୍ରଦ୍ଧାଳୁ ଙ୍କୁ ପ୍ରସାଦ ବିତରଣ କରାଯାଇଥିଲା ।

# ଆସନ୍ତାକାଲିଠୁ ଓଡ଼ିଶାରେ ବଢ଼ିବ ବର୍ଷା

ଭୁବନେଶ୍ୱର : ଓଡ଼ିଶାରେ ପୁଣି ବଢ଼ିବ ବର୍ଷା । ସେଂଟ୍ରାଲ ଇଣ୍ଡିଆ ଆଡ଼କୁ ଯାଇଥିବା ଘୂର୍ଣ୍ଣିବଳୟ ଏବେ ପୁଣି ଉତର ଓଡ଼ିଶା ଆଡ଼କୁ ଫେରୁଥିବା ସୂଚନା ମିଳିଛି । ଏହାର ପ୍ରଭାବରେ୮ ତାରିଖରୁ ୧୧ ତାରିଖ ମଧ୍ୟରେ ବର୍ଷା ହେବ । ଉତର ଓ ଉପକୂଳ ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷିବ । ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତା ୯ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିପାରେ । ୮ରୁ ୧୧ ତାରିଖ ମଧ୍ୟରେ ଉତର ଓ ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ବର୍ଷା ସମ୍ଭାବନା ରହିଛି । ୯ ତାରିଖରେ ବାଲେଶ୍ୱର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହୋଇପାରେ । ୧୦ ତାରିଖରେ ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ଆଶଙ୍କା ରହିଛି । ସେହିପରି ୧୧ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଓ ନୟାଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ଏହାରି ମଧ୍ୟରେ ଦକ୍ଷିଣ ଚାଇନା ସାଗର ଅଂଚଳରୁ ଆଉ ଏକ ପାଣିପାଗ ସିଷ୍ଟମ ଆସୁଥିବା କୁହାଯାଉଛି ।














## ନିଶାଦ୍ରବ୍ୟ ନିୟନ୍ତ୍ରଣ ଉପରେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କଲେ ଅମିତ ଶାହ



ନୂଆଦିଲ୍ଲୀ : ଅମିତ ଶାହ ଆଜି ଗୋଆର ରାଜଧାନୀ ପାଣାଜୀଠାରେ ନିଶାଦ୍ରବ୍ୟ ନିୟନ୍ତ୍ରଣ ଉପରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି । ଏହି ଅବସରରେ ଗୋଆ ମୁଖ୍ୟମନ୍ତ୍ରୀ ଶ୍ରୀ ପ୍ରମୋଦ ସାୱନ୍ତ ମଧ୍ୟ ଉପସ୍ଥିତ ଥିଲେ । ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଶ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରଠୁ ଭାରତ ସରକାର ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ସେ କହିଥିଲେ ଯେ ଯେତେବେଳେ ମୋଦି ଜୀ ପ୍ରଧାନମନ୍ତ୍ରୀ ହୋଇଥିଲେ, ସେତେବେଳେ ଦେଶ ତିନୋଟି ଭୟଙ୍କର ସମସ୍ୟାର ସମ୍ମୁଖୀନ ହୋଇଥିଲା, ଯେଉଁଥିରେ ଜାମ୍ମୁ-କାଶ୍ମୀରରେ ବୃଦ୍ଧି ପାଉଥିବା ଆତଙ୍କବାଦ, ନକ୍ସଲବାଦ ଏବଂ ଉତର-ପୂର୍ବରେ ଅନେକ ସଶସ୍ତ୍ର ସଙ୍ଗଠନ ଦ୍ୱାରା ସୃଷ୍ଟି ହୋଇଥିବା ଅଶାନ୍ତି ସାମିଲ ଥିଲା । ଏହା ବ୍ୟତୀତ, ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଦେଶ ଅନେକ ବୋମା ବିସ୍ଫୋରଣ ଦ୍ୱାରା ବହୁତ ଅସୁବିଧାରେ ପଡ଼ିଥିଲା । ମହିଳାମାନଙ୍କ ସୁରକ୍ଷାକୁ ନେଇ ବ୍ୟାପକ ଆନ୍ଦୋଳନ ହୋଇଥିଲା । ଠିକ୍ ସେହି ସମୟ ମଧ୍ୟରେ ମୋଦି ଜୀ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କ ନେତୃତ୍ୱରେ ୨୦୧୯ ରୁ ବର୍ତମାନ ପର୍ଯ୍ୟନ୍ତ ପଛକୁ ଚାହିଁଲେ, ପରିସ୍ଥିତି ଉଲ୍ଲେଖନୀୟ ଭାବରେ ବଦଳିଛି । ଜାମ୍ମୁ-କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବା ପରେ ବିଚ୍ଛିନ୍ନତାବାଦର ଭାବନା ଯଥେଷ୍ଟ ହ୍ରାସ ପାଇଛି । ଆତଙ୍କବାଦର ସଂଖ୍ୟା ଧୀରେ ଧୀରେ ସଙ୍କୁଚିତ ହୋଇ ଶୂନ୍ୟ ଆଡ଼କୁ ଗତି କରୁଛି ଏବଂ ଜାମ୍ମୁ-କାଶ୍ମୀର ବିକାଶ ପଥରେ ଆଗେଇଛି । ଜାମ୍ମୁ-କାଶ୍ମୀର ଏବଂ ଦେଶର ଅନ୍ୟ ଭାଗ ମଧ୍ୟରେ ଥିବା ମାନସିକ ଦୂରତା ଦୂର କରିବା ପାଇଁ ମଧ୍ୟ ସଫଳ ପ୍ରୟାସ କରାଯାଇଛି । ପାଂଚ ଦଶନ୍ଧି ପୁରୁଣା ନକ୍ସଲବାଦ ସମସ୍ୟା ଆଜି ପ୍ରାୟ ଅତୀତ ହୋଇଗଲାଣି । ରେଡ୍ କରିଡରର କଳ୍ପନା କରିଥିବା ଅଧିକାଂଶ ଲୋକ ଆଜି ଅସ୍ତ୍ରଶସ୍ତ୍ର ରଖି ଆତ୍ମସମର୍ପଣ କରିଛନ୍ତି ଏବଂ ମୁଖ୍ୟଧାରାରେ ଯୋଗ ଦେଉଛନ୍ତି । ସେହିଭଳି, ଉତର-ପୂର୍ବରେ ମଧ୍ୟ ପ୍ରାୟ ୧୧,୦୦୦ ଯୁବକମାନେ ଅସ୍ତ୍ର ସମର୍ପଣ କରିଛନ୍ତି ।

## ନୂତନ ଶିଳ୍ପ-ଅନୁସନ୍ଧାନ ଏବଂ ବିକାଶ ସହଭାଗୀତା ମଡେଲ ପାଇଁ ଆହ୍ୱାନ ଦେଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ : "ବାଣିଜ୍ୟିକ ଶାଖା ପ୍ରଥମ ଦିନରୁ ହିଁ ପ୍ରୟୋଗଶାଳା ସହିତ ଜଡିତ ହେବା ଉଚିତ ।" ଏହି ବାର୍ତା ସହିତ, କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ପୃଥିବୀ ବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କାର୍ମିକ, ସାଧାରଣ ଅଭିଯୋଗ, ପେନସନ, ପରମାଣୁ ଶକ୍ତି ଏବଂ ମହାକାଶ ମନ୍ତ୍ରୀ, ଡକ୍ଟର ଜିତେନ୍ଦ୍ର ସିଂହ, କୋଲକାତାର CSIR-IICBରେ ଷଷ୍ଠ RISE କନକ୍ଲେଭରେ ଶିଳ୍ପର CEO, CSO ଏବଂ COO ସହିତ ଏକ ଆଲୋଚନା ସମୟରେ ଶିଳ୍ପ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ଏକାଠି କାମ କରିବାର ପଦ୍ଧତିରେ ଏକ ମୌଳିକ ପରିବର୍ତନ ପାଇଁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି ଯେ ସମ୍ଭାବ୍ୟ ବାଣିଜ୍ୟିକ ଅଂଶୀଦାରମାନଙ୍କୁ ପ୍ରକଳ୍ପ ଯୋଜନା ପର୍ଯ୍ୟାୟରେ ହିଁ ଚିହ୍ନଟ ଏବଂ ଜଡିତ କରାଯିବା ଉଚିତ ଯାହା ଦ୍ୱାରା ବଜାର ଆବଶ୍ୟକତା ଏବଂ ବ୍ୟବହାରିକ ବିଚାର ପ୍ରଯୁକ୍ତିବିଦ୍ୟାକୁ ଆକାର ଦେଇପାରିବ ଯେତେବେଳେ ଏହା ବିକାଶାଧୀନ ଥାଏ । ପ୍ରୟୋଗଶାଳା ପର୍ଯ୍ୟାୟରେ



ବାଣିଜ୍ୟିକ ଅଂଶୀଦାରମାନଙ୍କୁ ଅଣାଯିବା ଉଚିତ ବୋଲି ଏକ ଶିଳ୍ପ ପରାମର୍ଶର ଉତରରେ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଯେ ପ୍ରାରମ୍ଭିକ ଅଂଶଗ୍ରହଣ ଶିଳ୍ପକୁ ବଜାର ଗତିଶୀଳତା, ଡିଜାଇନ୍, ପରିବେଶଗତ ସ୍ଥିରତା, ଯୋଗାଣ-ଶୃଙ୍ଖଳା ଆବଶ୍ୟକତା ଏବଂ ବାଣିଜ୍ୟିକ କାର୍ଯ୍ୟକ୍ଷମତା ଉପରେ ଇନପୁଟ୍ ପ୍ରଦାନ କରିବାକୁ ଅନୁମତି ଦେବ । ସେ କହିଛନ୍ତି ଯେ ଏକ ପ୍ରଯୁକ୍ତିବିଦ୍ୟା କେବଳ ପ୍ରକୃତ ବ୍ୟବହାରକାରୀ ଆବଶ୍ୟକତା ପୂରଣ କରିବା ପାଇଁ ପରିବର୍ତନ ଆବଶ୍ୟକ ବୋଲି ଜାଣିବା ପାଇଁ ବଜାରରେ ପହଂଚିବା ଉଚିତ୍ ନୁହେଁ । ଏହା ପରେ ପାରସ୍ପରିକ ଆଲୋଚନା ଶିଳ୍ପ ପାଇଁ ମନ୍ତ୍ରୀଙ୍କ ସମ୍ମୁଖରେ ନିର୍ଦ୍ଦିଷ୍ଟ ପ୍ରଯୁକ୍ତିବିଦ୍ୟା ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ରଖିବା ପାଇଁ ଏକ ସିଧାସଳଖ ପ୍ଲାଟଫର୍ମ ହୋଇଗଲା । ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ମଧ୍ୟ ଶିଳ୍ପ ଆଗ୍ରହର ପ୍ରମୁଖ କ୍ଷେତ୍ର ଭାବରେ ଉଭା ହୋଇଥିଲା, ଅଂଶଗ୍ରହଣକାରୀମାନେ ବିରଳ-ପୃଥିବୀ ନିଷ୍କାସନ, ସ୍ଥାୟୀ ଚୁମ୍ବକ, ପୁନଃଚକ୍ରଣ, ଲିଥିୟମ ଲାଭଦାୟକତା ଏବଂ ଭାନାଡିୟମ୍ ଏବଂ ଟାଇଟାନିୟମ ଭଳି ରଣନୈତିକ ଖଣିଜ ପଦାର୍ଥର ପୁନରୁଦ୍ଧାର ବିଷୟରେ ଆଲୋଚନା କରିଥିଲେ ।

## ଓଡ଼ିଶାରେ ଅଟୋ ଇ-ଚାଲାଣ ବ୍ୟବସ୍ଥା ଲାଗୁ

### ରାସ୍ତାକୁ ବାହାରିବା ପୂର୍ବରୁ ପିୟୁସିସି ଓ ବୀମା ଦସ୍ତାବିଜ ରଖିବା ଜରୁରୀ

ଭୁବନେଶ୍ୱର : ଓଡ଼ିଶା ପରିବହନ ବିଭାଗ ପକ୍ଷରୁ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି), ଯାନବାହନ ବୀମା ଏବଂ ବକେୟା ଇ-ଚାଲାଣକୁ ନେଇ ଇ-ଡିଟେକ୍ସନ ଆଧାରିତ ପ୍ରବର୍ତନ ବ୍ୟବସ୍ଥା ଲାଗୁ କରାଯାଇଛି । ଏହି ବ୍ୟବସ୍ଥା ସେପଟ୍ମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହୋଇଛି । ବିଭାଗର ଅଧିସୂଚନା ଅନୁଯାୟୀ, ମୋଟର ଯାନ ଆଇନ, ୧୯୮୮ ଏବଂ କେନ୍ଦ୍ରୀୟ ମୋଟର ଯାନ ନିୟମ, ୧୯୮୯ ଅନୁସାରେ ସାର୍ବଜନୀନ ରାସ୍ତାରେ ଚଳାଚଳ କରୁଥିବା ସମସ୍ତ ଯାନବାହନ ପାଖରେ ପିୟୁସିସି ଏବଂ ବୀମା ସମେତ ବୈଧ ଆଇନଗତ ଦସ୍ତାବିଜ ରହିବା ବାଧ୍ୟତାମୂଳକ । ଇ-ଡିଟେକ୍ସନ ବ୍ୟବସ୍ଥା ମାଧ୍ୟମରେ ବୈଧ ପିୟୁସିସି କିମ୍ବା ବୀମା ବିନା ରାସ୍ତାରେ ଚଳାଚଳ କରୁଥିବା ଯାନବାହନକୁ ଇଲେକ୍ଟ୍ରୋନିକ୍ ଉପାୟରେ ଚିହ୍ନଟ କରାଯିବ । ନିୟମ ଉଲ୍ଲଂଘନ ଧରାପଡ଼ିଲେ ମୋଟର ଯାନ ଆଇନ ଏବଂ ନିର୍ଦ୍ଧାରିତ ଇଲେକ୍ଟ୍ରୋନିକ୍ ପ୍ରବର୍ତନ ପ୍ରକ୍ରିୟା ଅନୁସାରେ ସ୍ୱୟଂଚାଳିତ ଭାବେ ଇ-ଚାଲାଣ ଜାରି ହେବ । ପରିବହନ ବିଭାଗ ଯାନବାହନ ମାଲିକମାନଙ୍କୁ ରାସ୍ତାରେ ଗାଡ଼ି ଚଳାଇବା ପୂର୍ବରୁ ନିଜ ପିୟୁସିସି ଏବଂ



ବୀମାର ବୈଧତା ଯାଂଚ କରିବା ସହ ଆବଶ୍ୟକ ହେଲେ ଏହାକୁ ନବୀକରଣ କରାଇବାକୁ ପରାମର୍ଶ ଦେଇଛି । ଅଧିସୂଚନାରେ କେନ୍ଦ୍ରୀୟ ମୋଟର ଯାନ ନିୟମ, ୧୯୮୯ର ନିୟମ ୧୬୭ର ମଧ୍ୟ ଉଲ୍ଲେଖ କରାଯାଇଛି । ଏହି ନିୟମ ଅନୁସାରେ, ନିର୍ଦ୍ଧାରିତ ସମୟସୀମାରୁ ଅଧିକ ସମୟ ଧରି ବକେୟା ରହିଥିବା ଚାଲାଣ ଥିବା ଯାନବାହନକୁ ସମ୍ପୃକ୍ତ ପୋର୍ଟାଲରେ ନଟ୍ ଟୁ ବି ଟ୍ରାଂଜାକଟେଡ ଭାବେ ଚିହ୍ନିତ କରାଯାଇପାରିବ । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ମଧ୍ୟ ସ୍ପଷ୍ଟ କରିଛି ଯେ, ନିୟମ ୧୬୭ ଅନୁସାରେ ପିୟୁସି ପରୀକ୍ଷାକୁ ଏକ ଲେନଦେନ ଭାବେ ବିବେଚନା କରାଯାଏ । ଏହା ଅନୁସାରେ, ଯାନ ଆଧାରିତ ପିୟୁସି ପରୀକ୍ଷା ଆପ୍ଲିକେସନରେ ବକେୟା ଚାଲାଣ ଏବଂ ନଟ୍ ଟୁ ବି ଟ୍ରାଂଜାକଟେଡ ସ୍ଥିତି ଯାଂଚ କରାଯିବ । ବିଭାଗ ପକ୍ଷରୁ ବକେୟା ଇ-ଚାଲାଣ ଥିବା ଯାନବାହନ ମାଲିକମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଚାଲାଣର ନିଷ୍ପତି କରିବାକୁ ଅପିଲ କରାଯାଇଛି । ପରିବହନ ବିଭାଗ କହିଛି ଯେ, ଏହି ପ୍ରଯୁକ୍ତିଭିତିକ ପ୍ରବର୍ତନ ବ୍ୟବସ୍ଥା ଟ୍ରାଫିକ୍ ଶୃଙ୍ଖଳା ସୁନିଶ୍ଚିତ କରିବା, ପରିବେଶ ସମ୍ବନ୍ଧୀୟ ନିୟମ ପାଳନ ବଢ଼ାଇବା, ତୃତୀୟ ପକ୍ଷର ସୁରକ୍ଷା ଏବଂ ସଡ଼କ ସୁରକ୍ଷାକୁ ମଜବୁତ କରିବା ଉଦ୍ଦେଶ୍ୟରେ ଲାଗୁ କରାଯାଇଛି ।

## ସ୍ୱତନ୍ତ୍ର ପଣ୍ୟ ପରିବହନ କରିଡର ଭାରତର ପଣ୍ୟ ଗତିଶୀଳତାକୁ ରୂପାନ୍ତରିତ କରିବ

### ନୂତନ ପୂର୍ବ-ପଶ୍ଚିମ ସଂଯୋଗରୁ ଓଡ଼ିଶା ଲାଭବାନ ହେବ

ଭୁବନେଶ୍ୱର: ଦେଶର ପ୍ରମୁଖ ଶିଳ୍ପ କେନ୍ଦ୍ର, ଉତ୍ପାଦନ କେନ୍ଦ୍ର, ଲଜିଷ୍ଟିକ୍ସ କେନ୍ଦ୍ର ଏବଂ ବନ୍ଦରଗୁଡ଼ିକୁ ସଂଯୋଗ କରୁଥିବା ଏକ ଉଚ୍ଚ କ୍ଷମତାସମ୍ପନ୍ନ, ଦକ୍ଷ ଏବଂ ଦ୍ରୁତ ମାଲ ପରିବହନ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ରେଳବାଇ ଏହାର ସ୍ୱତନ୍ତ୍ର ମାଲ ପରିବହନ କରିଡର ନେଟୱାର୍କକୁ ସମ୍ପ୍ରସାରଣ କରୁଛି । ବର୍ତମାନ, ସ୍ୱତନ୍ତ୍ର ମାଲ ପରିବହନ କରିଡର ନେଟୱାର୍କରେ ପୂର୍ବ ସ୍ୱତନ୍ତ୍ର ପଣ୍ୟ କରିଡର ଅନ୍ତର୍ଭୁକ୍ତ, ଯାହା ପଞ୍ଜାବର ନୂଆ ସାହନେୱାଲରୁ ବିହାରର ନୂଆ ସୋନନଗର ପର୍ଯ୍ୟନ୍ତ ପ୍ରାୟ ୧,୩୩୭ କିଲୋମିଟରଏବଂ ପଶ୍ଚିମୀ ସ୍ୱତନ୍ତ୍ର ପଣ୍ୟ କରିଡର, ଯାହା ଉତରପ୍ରଦେଶର ନୂଆ ଦାଦ୍ରିଠାରୁ ମହାରାଷ୍ଟ୍ରର ନୂଆ ଜେଏନ୍‌ପିଟି ପର୍ଯ୍ୟନ୍ତ ପ୍ରାୟ ୧,୫୦୬ କିଲୋମିଟର ପର୍ଯ୍ୟନ୍ତ ବ୍ୟାପ୍ତ । ଏହି ଦୁଇ କରିଡର ମିଳିତ ଭାବେ ପ୍ରାୟ ୨,୮୪୩ କିଲୋମିଟର ଏକ ନେଟୱାର୍କ ଗଠନ



କରନ୍ତି । ଡେଡିକେଟେଡ ଫ୍ରେଟ କରିଡର ନେଟୱର୍କ ମାଲ ପରିବହନ ପାଇଁ ଏକ ସ୍ୱତନ୍ତ୍ର ଉଚ୍ଚ କ୍ଷମତାସମ୍ପନ୍ନ ରେଳ ଭିତିଭୂମି ସୃଷ୍ଟି କରିଛି, ଯାହା ମାଲ ପରିବହନକୁ ଅଧିକ ଦ୍ରୁତ ଏବଂ ନିର୍ଭରଯୋଗ୍ୟ କରିଛି । ପାରମ୍ପରିକ ରେଳପଥରୁ ମାଲବାହୀ ଟ୍ରେନ୍ଗୁଡ଼ିକୁ ଏହି ସ୍ୱତନ୍ତ୍ର କରିଡରକୁ ସ୍ଥାନାନ୍ତର କରିବା ଫଳରେ ବର୍ତମାନର ରେଳ ନେଟୱର୍କ ଉପରେ ଭିଡ଼ ହ୍ରାସ ପାଉଛି ଏବଂ ଯାତ୍ରୀବାହୀ ଟ୍ରେନ ପରିଚାଳନା ପାଇଁ ଅତିରିକ୍ତ କ୍ଷମତା ସୃଷ୍ଟି ହେଉଛି । ଏହି ନେଟୱର୍କର ଏକ ବଡ଼ ବିସ୍ତାର ଭାବେ ୨,୦୫୨ କିଲୋମିଟର ଲମ୍ବା ପ୍ରସ୍ତାବିତ ଡାଙ୍କୁନି-ସୁରତ ଡେଡିକେଟେଡ ଫ୍ରେଟ କରିଡର ଘୋଷଣା କରାଯାଇଛି । ଏହା ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଗୁଜରାଟକୁ ସଂଯୋଗ କରିବ । ପ୍ରସ୍ତାବିତ ଏହି କରିଡର୍ ପୂର୍ବ ଭାରତ ଏବଂ ଦେଶର ପଶ୍ଚିମାଂଚଳର ଶିଳ୍ପ ଓ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପୂର୍ବ-ପଶ୍ଚିମ ମାଲ ପରିବହନ ସଂଯୋଗ ସୃଷ୍ଟି କରିବ । ଓଡ଼ିଶା ପାଇଁ ପ୍ରସ୍ତାବିତ ଡାଙ୍କୁନି-ସୁରତ ଡେଡିକେଟେଡ ଫ୍ରେଟ କରିଡର ବିଶେଷ ଗୁରୁତ୍ୱ ବହନ କରେ । ଖଣିଜ, ଖଣି, ଇସ୍ପାତ, ଶକ୍ତି ଏବଂ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଦେଶର ଏକ ପ୍ରମୁଖ କେନ୍ଦ୍ର ହୋଇଥିବାବେଳେ, ଦେଶର ବିଭିନ୍ନ ବଜାର ଓ ଶିଳ୍ପ କେନ୍ଦ୍ରଗୁଡ଼ିକୁ ବ୍ୟାପକ ପରିମାଣରେ ମାଲ ପରିବହନ ହୋଇଥାଏ । ଏହି ନୂଆ କରିଡର୍ ପୂର୍ବ ଭାରତରୁ ପଶ୍ଚିମାଂଚଳର ବଜାରଗୁଡ଼ିକୁ ମାଲ ପରିବହନ ପାଇଁ ଏକ ଅତିରିକ୍ତ ସ୍ୱତନ୍ତ୍ର ମାର୍ଗ ପ୍ରଦାନ କରିବ ।

## ଗୋଟିଏ ଟ୍ରେନ୍, ୨୦୦ ବହି ଓ ଶହ ଶହ କାହାଣୀକୁ ନେଇ ପୂର୍ବତଟ ରେଳପଥର ଏକ ନିଆରା ଯାତ୍ରା

ଭୁବନେଶ୍ୱର : ସକାଳର ଟ୍ରେନ୍‌ରେ ପ୍ରତିଦିନ ଭଳି ଯାତ୍ରୀମାନେ ଥିଲେ । କିନ୍ତୁ ଏଥର ଟ୍ରେନରେ ଥିଲା କିଛି ଅସାଧାରଣ—ବହି, କବିତା ଏବଂ ଶତାଧିକ ଲୋକ, ଯେଉଁମାନେ କେବଳ ଓଡ଼ିଶାରେ ଯାତ୍ରା କରିବାକୁ ନୁହେଁ, ବରଂ ଶବ୍ଦର ଦୁନିଆ ଭିତରେ ଏକ ଦିନ ବିତାଇବାକୁ ବାହାରିଥିଲେ । ରବିବାର ଟ୍ରେନ ନମ୍ବର ୬୮୪୨୯ ଭୁବନେଶ୍ୱର-ଦଶପଲ୍ଲା ମେମୁରେ ଚଢ଼ିଥିବା ପାଠକ ଓ ଲେଖକମାନଙ୍କ ପାଇଁ ଏହି ଯାତ୍ରା ଏକ ଚଳନ୍ତା ସାହିତ୍ୟିକ ସମାବେଶରେ ପରିଣତ ହୋଇଥିଲା । ଭୁବନେଶ୍ୱରସ୍ଥିତ 'ୱାକିଂ ବୁକ୍ ଫେୟାର୍ସ'ର ସହଯୋଗରେ ପୂର୍ବତଟ ରେଳପଥ ପକ୍ଷରୁ ଆୟୋଜିତ 'ରେଳ ରିଡିଂ କ୍ୟାମ୍ପେନ୍-ଗିଫ୍ଟ ଏ ବୁକ୍' କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ଅଂଶଗ୍ରହଣ କରିଥିଲେ । ଏହି ସାହିତ୍ୟିକ ଯାତ୍ରାକୁ ଆହୁରି ସ୍ୱତନ୍ତ୍ର କରିଥିଲା ପ୍ରଖ୍ୟାତ ଲେଖକ ଓ ସାହିତ୍ୟିକ ଜେରୀ ପିଂଟୋ, ଶରତ ଚନ୍ଦ୍ର ଦାସ, କ୍ରିଷ୍ଟୋଫ ରାମ୍ବମାୟର,



ଆକୃତି ମାନ୍ଧୱାନୀ ଏବଂ ଚନ୍ଦ୍ରହାସ ଚୌଧୁରୀଙ୍କ ଉପସ୍ଥିତି । ସେମାନେ ଅଂଶଗ୍ରହଣକାରୀ ଏବଂ ପାଠକମାନଙ୍କ ସହ ନିଜର କବିତା, ଚିନ୍ତାଧାରା, ସାହିତ୍ୟିକ ଅନୁଭବ ଓ ସୃଜନଶୀଳତାର ବିଭିନ୍ନ ଦିଗ ବାଂଟିଥିଲେ । ସେମାନଙ୍କ ଉପସ୍ଥିତି ଏହି ରେଳଯାତ୍ରାକୁ ପାଠକ, ଲେଖକ ଓ ସାହିତ୍ୟପ୍ରେମୀମାନଙ୍କ ମଧ୍ୟରେ ଏକ ନିଆରା ଆଲୋଚନା ଓ ଭାବବିନିମୟର ପରିସରରେ ପରିଣତ କରିଥିଲା । ଏହି ଅଭିଯାନ ଏକ ସାଧାରଣ ରେଳଯାତ୍ରାକୁ କିଛି ସମୟ ପାଇଁ ବହି ପଢ଼ିବା ଏବଂ ପରସ୍ପର ସହ ଯୋଡ଼ିହେବାର ଏକ ସୁନ୍ଦର ଆହ୍ୱାନରେ ପରିଣତ କରିଥିଲା । ଭୁବନେଶ୍ୱରରୁ ଟ୍ରେନ ଛାଡ଼ିବା ପରେ ଖୁବ୍ ଶୀଘ୍ର ଯାତ୍ରୀମାନଙ୍କୁ ପ୍ରାୟ ୨୦୦ଟି ବହି ବଂଟନ କରାଯାଇଥିଲା । ଏହି ଉପହାର ଦେବାର ପଦକ୍ଷେପଟି ଯାତ୍ରୀମାନଙ୍କୁ ପଢ଼ିବାର ଆନନ୍ଦକୁ ଆବିଷ୍କାର କିମ୍ବା ପୁନର୍ବାର ଅନୁଭବ କରିବା ପାଇଁ ଏକ ସୁନ୍ଦର ଆମନ୍ତ୍ରଣ ଦେଇଥିଲା । କୋଚ ଭିତରେ ଟ୍ରେନ ଯାତ୍ରାର ପରିଚିତ କୋଳାହଳ ଏକ ଶାନ୍ତ ପରିବେଶକୁ ସ୍ଥାନ ଦେଇଥିଲା । ଅଂଶଗ୍ରହଣକାରୀମାନେ ଏକ ସାମୂହିକ ନୀରବ ପଠନ ଅଧିବେଶନ ପାଇଁ ନିଜ ନିଜ ସ୍ଥାନରେ ବସିଥିଲେ ।

## ଜୁନିୟର ଏସିଆ କପ୍ ହକି : ମାଲେସିଆକୁ ୧୧-୧ ଗୋଲରେ ହରାଇଲା ଭାରତ

ଚୀନ୍: ଚୀନ୍‌ର ମୋଚିଠାରେ ଆୟୋଜିତ ଜୁନିୟର ଏସିଆ କପ



୨୦୨୬ରେ ଭାରତୀୟ ଜୁନିୟର ମହିଳା ହକି ଦଳ ନିଜର ଦମଦାର ପ୍ରଦର୍ଶନ ଜାରି ରଖିଛି । ରବିବାର ଖେଳାଯାଇଥିବା ଏଲାଇଟ୍ ପୁଲ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ଦଳ ମାଲେସିଆକୁ ୧୧-୧ ଗୋଲ୍‌ର ବୃହତ ବ୍ୟବଧାନରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି । ଗତ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ୪-୧ରେ ହରାଇଥିବା ଚାମ୍ପିଅନ୍ ଭାରତୀୟ ଦଳ ଏହି ମ୍ୟାଚ୍‌ରେ ଆରମ୍ଭରୁ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଥିଲା । ଦଳ ପକ୍ଷରୁ ସମୁଦାୟ ୭ ଜଣ ଖେଳାଳି ଗୋଲ ସ୍କୋର କରିଥିଲେ । ଏଥିମଧ୍ୟରୁ ୪ଟି ଫିଲ୍ଡ ଗୋଲ୍, ୫ଟି ପେନାଲ୍ଟି କୋର୍ନର ଏବଂ ୨ଟି ପେନାଲ୍ଟି ଷ୍ଟ୍ରୋକ୍ ରହିଥିଲା । ପୂଜା ସାହୁ (୧ମ, ୪୨ତମ), ପୂର୍ଣ୍ଣିମା ଯାଦବ (୪ର୍ଥ, ୧୭ତମ), ବିନିମା ଧାନ୍ (୮ମ), କୃଷ୍ଣା ଶର୍ମା (୧୪ତମ ), ସୁଖବୀର କୌର (୨୧ତମ), ଗୀତା ଯାଦବ (୨୮ତମ , ୫୩ତମ), ସନିକା ଚନ୍ଦ୍ରକାନ୍ତ ମାନେ( ୪୩ତମ, ୫୮ତମ) ଭାରତ ପକ୍ଷରୁ ଗୋଲ ସ୍କୋର କରିଥିଲେ । ମାଲେସିଆ ପକ୍ଷରୁ ମ୍ୟାଚ୍‌ର ୩୮ତମ ମିନିଟ୍‌ରେ ନୁର ମହମ୍ମଦ ଏକମାତ୍ର ସାନ୍ତ୍ୱନାମୂଳକ ଗୋଲ୍ ସ୍କୋର କରିଥିଲେ । ହାଫ୍-ଟାଇମ୍ ସୁଦ୍ଧା ଭାରତ ୭-୦ ଗୋଲ୍‌ରେ ଆଗୁଆ ରହି ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରିଥିଲା । ଏହି ବିଜୟ ସହ ଭାରତୀୟ ଦଳ ୨ଟି ମ୍ୟାଚ୍‌ରୁ ୬ ପଏଂଟ ପାଇ ପଏଂଟ ଟେବୁଲ୍‌ର ଶୀର୍ଷ ସ୍ଥାନ ଦଖଲ କରିଛି । ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ଚୀନ୍ ଏବଂ ଜାପାନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି । ସୋମବାର ବିଶ୍ରାମ ଦିବସ ପରେ, ଭାରତୀୟ ଦଳ ସେପଟ୍ମ୍ବର ୮ ତାରିଖରେ ନିଜର ତୃତୀୟ ମ୍ୟାଚ୍‌ରେ ଜାପାନକୁ ଭେଟିବ ।

## ଚାଇନା ମାଷ୍ଟର୍ସ ୨୦୨୬: ସାତ୍ୱିକ-ଚିରାଗ ପ୍ରଥମ ଥର ଜିତିଲେ ଟାଇଟଲ୍

ସେନ୍‌ଜେନ୍ : ଭାରତର ତାରକା ବ୍ୟାଡମିଂଟନ୍ ଯୋଡ଼ି ସାତ୍ୱିକସାଇରାଜ ରଙ୍କିରେଡ୍ଡୀ ଏବଂ ଚିରାଗ ସେଟ୍ଟୀ ଚାଇନା ମାଷ୍ଟର୍ସ ସୁପର ୭୫୦ ଟୁର୍ନାମେଂଟରେ ଇତିହାସ ରଚିଛନ୍ତି ।



ଚୀନ୍‌ର ସେନ୍‌ଜେନ୍‌ଠାରେ ଖେଳାଯାଇଥିବା ପୁରୁଷ ଡବଲ୍ସ ଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି ଘରୋଇ ଚୀନ୍ ଯୋଡ଼ି ହେ ଜି ଟିଙ୍ଗ୍ ଏବଂ ରେନ୍ ସିଆଙ୍ଗ୍ ୟୁଙ୍କୁ ପରାସ୍ତ କରି ପ୍ରଥମ ଥର ପାଇଁ ଚାଇନା ମାଷ୍ଟର୍ସ ଟାଇଟଲ୍ ହାସଲ କରିଛନ୍ତି । ଫାଇନାଲ୍ ମ୍ୟାଚ୍‌ର ପ୍ରଥମ ସେଟ୍ ୧୧-୨୧ରେ ହାରିବା ପରେ ଭାରତୀୟ ଯୋଡ଼ି ଜବରଦସ୍ତ ପ୍ରତ୍ୟାବର୍ତନ କରିଥିଲେ । ପରବର୍ତୀ ଦୁଇଟି ସେଟ୍‌କୁ ୨୧-୧୩, ୨୧-୧୭ ଗୋଲ୍‌ରେ ଜିତି ମ୍ୟାଚ୍‌କୁ ନିଜ ନାମରେ କରିଥିଲେ । ଏହି ବିଜୟ ସହ ସାତ୍ୱିକ ଏବଂ ଚିରାଗ ଚାଇନା ମାଷ୍ଟର୍ସ ସୁପର ୭୫୦ ଟାଇଟଲ୍ ଜିତିବାରେ ପ୍ରଥମ ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ପାଲଟିଛନ୍ତି । ପୂର୍ବରୁ ସାତ୍ୱିକ-ଚିରାଗ ଦୁଇଥର (୨୦୨୩ ଏବଂ ୨୦୨୫) ଏହି ଟୁର୍ନାମେଂଟର ଫାଇନାଲ୍‌ରେ ପହଂଚି ରନର୍ସ-ଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ, କିନ୍ତୁ ଏଥର ସେମାନେ ନିଜର ସ୍ୱପ୍ନ ପୂରଣ କରିବାରେ ସଫଳ ହୋଇଛନ୍ତି । ଆଗାମୀ ଆସିଆନ୍ ଗେମ୍ସ ପୂର୍ବରୁ ଏହି ବିଜୟ ଭାରତୀୟ ଯୋଡ଼ିଙ୍କ ଆତ୍ମବିଶ୍ୱାସକୁ ବହୁଗୁଣିତ କରିଛି । ଏହି ଐତିହାସିକ ବିଜୟ ସହ ସାତ୍ୱିକସାଇରାଜ ଏବଂ ଚିରାଗ ନିଜ କ୍ୟାରିୟରର ୧୦ମ ୱାର୍ଲ୍ଡ ଟୁର୍ ଟାଇଟଲ୍ ହାସଲ କରିଛନ୍ତି ।

## ଚଳିତ ବର୍ଷ ଡିସେମ୍ବରରେ ଏକାଠି ଖେଳିବେ ଲିଓନେଲ ମେସି ଏବଂ କ୍ରିଷ୍ଟିଆନୋ ରୋନାଲ୍‌ଡୋ

ନୂଆଦିଲ୍ଲୀ: ଆର୍ଜେଂଟିନା ଓ ପର୍ତୁଗାଲ୍‌ର ଦୁଇ ମହାନ୍ ଫୁଟ୍‌ବଲର ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ମହାମିଳନ ଚଳିତ ବର୍ଷ ଡିସେମ୍ବରରେ ହେବାକୁ ଯାଉଛି । ଆର୍ଜେଂଟିନାର କିଂବଦନ୍ତି କାର୍ଲୋସ ତେଭେଜଙ୍କ ବହୁପ୍ରତୀକ୍ଷିତ ବିଦାୟୀ ମ୍ୟାଚ୍‌ଲାଗି



ଅଧୁନିକ ଯୁଗର ଏହି ମହାନ ତାରକାଙ୍କୁ ନିମନ୍ତ୍ରଣ କରାଯାଇଛି । ଉଭୟ ମଧ୍ୟ ଏହାକୁ ଗ୍ରହଣ କରିଛନ୍ତି । ଏହି ମ୍ୟାଚ୍ ଖେଳି ତେଭେଜ ନିଜ କ୍ୟାରିୟର ଆରମ୍ଭ କରିଥିବା ଆର୍ଜେଂଟିନା ବୋକା ଜୁନିୟରଠାରେ ନିଜର ପେସାଗତ ଫୁଟ୍‌ବଲ୍‌କୁ ଗୁଡ୍‌ବାଏ କରିବେ । ଏହି ୪୨ ବର୍ଷୀୟ ପ୍ରାୟ ୩ ବର୍ଷ ହେବ ପେସାଗତ ଫୁଟ୍‌ବଲ୍ ଖେଳି ନାହାନ୍ତି । କିନ୍ତୁ ବୋକା'ର ଐତିହାସିକ ଲା ବୋମ୍ବୋନେରାରେ ତାରକା ଖେଳାଳିଙ୍କ ସହ ନିଜ ଫୁଟ୍‌ବଲ୍ ଖେଳ ଜୀବନ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି ତେଭେଜ । ଡିସେମ୍ବର ମଧ୍ୟଭାଗରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ୬୦ ଜଣ ଏଲିଟ୍ ଫୁଟ୍‌ବଲର ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଚୂଡ଼ାନ୍ତ ତାରିଖକୁ ନେଇ ବୋକା ସହ ତେଭେଜଙ୍କ ଆଲୋଚନା ଜାରି ରହିଛି । ପୂର୍ବତନ ମାଂଚେଷ୍ଟର ୟୁନାଇଟେଡ୍ ଓ ଜୁଭେଂଟସ୍ ଫରୱାର୍ଡ ସମାନ ପିଚ୍‌ରେ ମେସି ଓ ରୋନାଲ୍‌ଡୋଙ୍କ ଉପସ୍ଥିତ ଆଶା ରଖିଛନ୍ତି । ଏକ ସାକ୍ଷାତକାରରେ ତେଭେଜ କହିଛନ୍ତି, ''ଆମେ ସେମାନଙ୍କୁ ଏକାଠି କରିବୁ । ମୁଁ ବ୍ୟକ୍ତିଗତ ଭାବେ ସେମାନଙ୍କୁ ପାଖକୁ ଯିବି'' । ମେସିଙ୍କ ସହ ଆର୍ଜେଂଟିନା ଦଳରୁ ତେଭେଜ ଖେଳିଥିଲା ବେଳେ ମାଂଚେଷ୍ଟାର ୟୁନାଇଟେଡ୍‌ରୁ ୨୦୦୭ରୁ ୨୦୦୯ ମଧ୍ୟରେ ରୋନାଲ୍‌ଡୋଙ୍କ ସହ ଖେଳିଥିଲେ । ୮ ଥରର ବାଲନ ଡି'ଓର ବିଜେତା ମେସି ଗତ ମାସ ୩୧ ତାରିଖରେ ଅବସର ନେଇଥିଲେ । ୫ ଥରର ବିଜେତା ରୋନାଲ୍‌ଡୋ ଅବସର ନେଇ ନଥିଲେ ମଧ୍ୟ ଏହା ଅପେକ୍ଷାରେ ରହିଛନ୍ତି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**